### ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲ ଅବକାରୀ ବିଭାଗ କର୍ମଚାରୀ ବୁଧବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁକଟା ତାରିଣୀ ମନ୍ଦିର ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ୭କେଜି ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବୌଦ୍ଧ ଜିଲା ବଡିଗାଁର ଅକ୍ଷୟ କୁମାର ବିଶି। ଅକ୍ଷୟଙ୍କୁ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରେଢ଼ାଖୋଲ ଅବକାରୀ ଉପ ନିରୀକ୍ଷକ ବିଷ୍ଣୁଚରଣ ମଲ୍ଲିକ, ଏଏସ୍‌ଆଇ ବିନୋଦିନୀ ବେହେରା ପ୍ରମୁଖ ଚଢାଉ କରିଥିଲେ।

## ସଂକ୍ଷେପରେ

### କାର୍ ଧକ୍କାରେ ବାପା ମୃତ: ପୁଅ ଆହତ

ବଡ଼ଗାଁ, ୨୫।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝାରମୁଣ୍ଡା ଛକ ନିକଟରେ ବୁଧବାର ସକାଳ ସାଢ଼େ ୯ଟାରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ କାର ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ବାପାଙ୍କ ମୃତ୍ୟୁ ଘଟିଛି। ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ ରାନୀବୁଡା ଗ୍ରାମର ସାଧୁଚରଣ ପୁରାଲେ (୭୦) ଓ ତାଙ୍କ ପୁଅ କିଶୋର। ଉଭୟ ବାଇକ୍‌ରେ ଜରଙ୍ଗଲୋଇ ଡାକ୍ତରଖାନା ଆସି ଘରକୁ ଫେରୁଥିଲାବେଳେ କାର ଧକ୍କା ଦେଇଥିଲା। ସାଧୁଚରଣଙ୍କ ମୁଣ୍ଡ ପଛପଟେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ବଡ଼ଗାଁ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପୁଅ କିଶୋରଙ୍କ ଗୋଡ଼ରେ ଆଘାତ ହୋଇଛି।

### ୨୭ରେ ମାରୱାଡି ଯୁବାମଞ୍ଚର କ୍ୟାନ୍‌ସର ପରୀକ୍ଷା ଶିବିର

ଦେବଗଡ଼, ୨୫।୫ (ଡି.ଏନ୍.ଏ.): ଦେବଗଡ଼ ମାରୱାଡି ଯୁବାମଞ୍ଚର ସହଯୋଗରେ ଆଗାମୀ ୨୭ତାରିଖରେ ଦେବଗଡ଼ ଜିଲା ମୁଖ୍ୟାଳୟସ୍ଥିତ ଗୋପାଳଜୀ ମନ୍ଦିର କଲ୍ୟାଣ ମଣ୍ଡପରେ ଏକ ମାଗଣା କ୍ୟାନ୍‌ସର ପରୀକ୍ଷା ଶିବିର ଆୟୋଜନ କରାଯିବ। ମାରୱାଡି ଯୁବାମଞ୍ଚର ସଭାପତି ମନୀଷ ଅଗ୍ରୱାଲ ଓ ପ୍ରକଳ୍ପ ନିର୍ଦ୍ଦେଶକ ଜିତେନ୍ଦ୍ର ଅଗ୍ରୱାଲ, ପ୍ରକଳ୍ପ ସଂଯୋଜକ ବିବେକ ଗୋୟଲ ଏବଂ ରାକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ ହେବାକୁ ଯାଉଛି। ବିକାଶ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହେଉଛି। ଏହି ଶିବିର ଅଧୀନରେ ଯେକୌଣସି କ୍ୟାନ୍‌ସର ରୋଗୀ ଏବଂ ଯେଉଁମାନଙ୍କର ହଠାତ ଓଜନ ହ୍ରାସ, ନିଃଶ୍ୱାସ ପ୍ରଶ୍ୱାସ, ଦୁର୍ବଳତା, ଥକାପଣ, ସ୍ଥାୟୀ ଜ୍ୱର ଏବଂ ସଂକ୍ରମଣ, ଅସ୍ଥାୟୀ କାଶ, ଛାତି ଯନ୍ତ୍ରଣା, ଛାତି ଜଳିବା, ଅନ୍ତନଳୀ ସମସ୍ୟା, ଗିଳିବାରେ ଅସୁବିଧା, ଜଣ୍ଡିସ, ନଖରେ ପରିବର୍ତ୍ତନ ଭଳି ବ୍ୟକ୍ତି ନିଶ୍ଚିତ ଭାବରେ ଏହି ଶିବିରକୁ ଆସି ନିଜର ଆବଶ୍ୟକ ପରୀକ୍ଷା କରିବା ପାଇଁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଅଞ୍ଚଳର ଅନେକ କ୍ୟାନ୍‌ସର ପୀଡ଼ିତ ଲାଭ ପାଇବେ ବୋଲି ଯୁବା ମଞ୍ଚ ଆଶା ପ୍ରକାଶ କରିଛି।

### କୁଚିଣ୍ଡାରେ ଏକଲ ଅଭିଯାନର ବୌଦ୍ଧିକ କର୍ମଶାଳା

କୁଚିଣ୍ଡା,୨୫।୫(ଡି.ଏନ.ଏ.): କୁଚିଣ୍ଡା ଆଦିବାସୀ ଭବନଠାରେ ବୁଧବାର କୁଚିଣ୍ଡା ଉପଖଣ୍ଡ ଓ ଦେବଗଡ଼ ଜିଲାର ତିଲେଇବଣି ବ୍ଲକରେ ଚାଲିଥିବା ଏକଲ ବୌଦ୍ଧିକ ବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାମରା ବ୍ଲକ ମଞ୍ଚ ପ୍ରମୁଖ ତୁଷାରକାନ୍ତ ନାଏକଙ୍କ ସଭାପତିତ୍ୱରେ ହୋଇଥିବା କର୍ମଶାଳାରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଆଦିବାସୀ ସାଂସ୍କୃତିକ ପରିଷଦ ଉପସଭାପତି ରମେଶ ପ୍ରଧାନ ମୁଖ୍ୟବକ୍ତା, ବାଙ୍କେ ସରପଞ୍ଚ ପିଙ୍କି ନାଏକ, ଗୋଛରା ସମିତି ସଭ୍ୟା ସୁକାନ୍ତି ସେଠ ଓ ୱାର୍ଡ ସଭ୍ୟା ନିବେଦିତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୌଦ୍ଧିକ ବିଦ୍ୟାଳୟର ଶିକ୍ଷାଦାନ ଉପରେ ଆଲୋଚନା କରିଥିଲେ। କୁଚିଣ୍ଡା ମଞ୍ଚ ପ୍ରମୁଖ ବିନୟ କୁମାର ପୃଷେଠ, ପ୍ରବୀଣ ସାହୁ, ସୁଦେଷ୍ଣା ନାଏକ, ମିଲି ସାହୁ, ଶୁକମଣି କିଷାନ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ସିମେଣ୍ଟ ଗୁଣ୍ଡରେ ପୋତି ହେଉଛି ଚାଷଜମି

ସମ୍ବଲପୁର,୨୫।୫(ବ୍ୟୁରୋ)

- ଠିକା ସଂସ୍ଥାର ଜୁଲମ
- ଅଭିଶପ୍ତ ଜୀବନ ବିତାଉଛନ୍ତି ଅଞ୍ଚଳବାସୀ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ଉପଜିଲାପାଳ

ସମ୍ବଲପୁର-ତିଲେଇବଣି ଜାତୀୟ ରାଜପଥ ନିର୍ମାଣ ସଂସ୍ଥାର ଯୁଯୁମୁରା ତହସିଲ ଅଧୀନ ନୀଳଡୁଙ୍ଗୁରୀରେ ରହିଥିବା ପଥର ଖାଦାନ ଓ କ୍ରଶର ଲୋକଙ୍କ ପାଇଁ ଅଭିଶପ୍ତ ପାଲଟିଛି। ବର୍ଷ ବର୍ଷ ଧରି ଠିକା ସଂସ୍ଥା ଜୁଲମ କରି ଆସୁଛି। ବ୍ଲାଷ୍ଟିଂ ଯୋଗୁ ଘର ଫାଟି ଯାଉଛି। ଏବେ ଆଉ ଏକ ସମସ୍ୟା ଉପୁଜିଛି। ସିମେଣ୍ଟ ମିଶ୍ରଣ ପ୍ଲାଣ୍ଟରୁ ବାହାରୁଥିବା ଆବର୍ଜନା (ଗୁଣ୍ଡ) ନିକଟରେ ଥିବା ଚାଷ ଜମିରେ ପୋତି ହେଉଛି। ଏହାକୁ ନେଇ କମ୍ପାନୀ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନାହିଁ। ବିକାଶ ନାମରେ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି।

ଅଭିଯୋଗ କ୍ରମେ ପ୍ରଧାନପାଲି ମୌଜାରେ ଉକ୍ତ କାରଖାନା ରହିଛି। କାରଖାନା ନିକଟରେ ଗ୍ରାମ ମନ୍ଦିର ନାମରେ ଜମି ରହିଛି। ଉକ୍ତ ଜମିରେ ଉତ୍ପାଦିତ ଫସଲ ମା' ସମଲେଇଙ୍କ ପାଇଁ ଭୋଗରେ ବ୍ୟବହାର ହୋଇଥାଏ। ହେଲେ କମ୍ପାନୀ ଜୁଲମ କରି ଚାଷ ଜମିରେ କାରଖାନାରୁ ନିର୍ଗତ ଆବର୍ଜନା ଓ ପାଣି ଛାଡି ଦେଉଛି। ଏ ଦିଗରେ ପ୍ରଦୂଷଣ ବିଭାଗ, ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି। ପୂର୍ବରୁ ଯୁଯୁମୁରା ତହସିଲରେ ମେ ୯ ତାରିଖ ଏ ନେଇ ଅଭିଯୋଗ ହୋଇଥିଲା। ଗ୍ରାମର ପ୍ରମୋଦ କୁମାର ମିଶ୍ର, ମିଳନ ଦେହୁରି, ସଚିତା ବେହେରା, ଶଙ୍କର ରାଣା, ପ୍ରଭାକର ରଣା, ଜଗନ୍ନାଥ ସାହୁ, ନିମାଇଁ ବାରିକ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହି ଅଭିଯୋଗ କରାଯାଇଥିଲା। ସ୍ଥାନୀୟ ଆର୍‌ଆଇ ଓ ତହସିଲଦାର ଅଭିଷେକ ସାହୁ ମଧ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଚାଷ ଜମି ବୁଲି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଘଟଣାକୁ ୧୫ ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ତହସିଲଦାର ସାହୁ କହିଛନ୍ତି, ଘଟଣାସ୍ଥଳକୁ ଯାଇ ରିପୋର୍ଟ ସଂଗ୍ରହ କରାଯାଇଛି। ଚାଷ ଜମିରେ ଆବର୍ଜନା ପୋତିହୋଇ ରହିଛି। ରିପୋର୍ଟ ମଧ ପ୍ରସ୍ତୁତ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ। ସଦର ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶ କହିଛନ୍ତି, ବିକାଶ କାମ ହେଲେ ମଧ ବେଆଇନ କାମକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସିମେଣ୍ଟ ପ୍ଲାଣ୍ଟରୁ ନିର୍ଗତ ଗୁଣ୍ଡ ଚାଷ ଜମିରେ ପଡିଛି।

### ହିଣ୍ଡାଲ୍‌କୋରେ ଦୁର୍ଘଟଣା, ଶ୍ରମିକ ମୃତ

ସମ୍ବଲପୁର,୨୫।୫(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ହିଣ୍ଡାଲ୍‌କୋରେ ବୁଧବାର ଦୁର୍ଘଟଣା ଘଟି ଠିକା ଶ୍ରମିକ ମଣ୍ଟୁ ଖମାରୀ (୪୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ଦାବି ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ପୋଲିସ, କମ୍ପାନୀ ଅଧିକାରୀ ଓ ଶ୍ରମିକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଖବର ଲେଖା ପର୍ଯ୍ୟନ୍ତ ଆଲୋଚନାର କୌଣସି ନିଷ୍କର୍ଷ ବାହାରି ନ ଥିଲା। ମିଳିଥିବା ରିପୋର୍ଟ ଅନୁସାରେ ମଣ୍ଟୁ ପଟଲାଇନରେ କାମ କରୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ କ୍ରେନ ଯୋଗେ ଭାରି ସାମଗ୍ରୀ ନିଆଯାଉଥିଲା। ଏହି ସମୟରେ କ୍ରେନରୁ ସାମଗ୍ରୀ ଛିଣ୍ଡି ମଣ୍ଟୁଙ୍କ ଉପରେ ପଡିଥିଲା। ତାଙ୍କୁ ପ୍ରଥମେ କମ୍ପାନୀ ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍‌ସାରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପୌର ପରିଷଦର ୭ କାଉନ୍‌ସିଲରଙ୍କ ବିଦ୍ରୋହ

- ପୌର ପରିଷଦ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ
- ଖବରଦାତା ସମ୍ମିଳନୀରେ କାଉନ୍‌ସିଲରମାନଙ୍କ ସୂଚନା

ଦେବଗଡ଼,୨୫।୫(ଡି.ଏନ୍.ଏ.)

ରାଜ୍ୟର ଅନ୍ୟତମ ସର୍ବପୁରାତନ ପୌରପରିଷଦ ମଧ୍ୟରୁ ଅନ୍ୟତମ ଦେବଗଡ଼। ୧୧ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦରେ ଦେଖାଦେଇଛି କାଉନସିଲରଙ୍କ ବିଦ୍ରୋହ। ଦେବଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ୭ କାଉନସିଲର। ବୁଧବାର ସନ୍ଧ୍ୟାରେ ଏକ ଘରୋଇ ହୋଟେଲଠାରେ ୬ନମ୍ବର ୱାର୍ଡ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ପରିଚାଳନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୌର ପରିଷଦ ବିରୋଧରେ ଅଭିଯୋଗ ବାଢିଛନ୍ତି ୭ କାଉନସିଲର। ସେମାନଙ୍କ ଅଭିଯୋଗ ଅନୁଯାଇ ପୌର ପରିଷଦ ପକ୍ଷରୁ କାଉନସିଲରମାନଙ୍କୁ ଅନ୍ଧାରରେ ରଖି ବିନା ସୂଚନାରେ ଲକ୍ଷଲକ୍ଷ ଟଙ୍କାର ବଜାର ଟେଣ୍ଡର କରାଯିବା ସହ ଏସ୍‌ଏଚ୍‌ଜି ଗ୍ରୁପଙ୍କ ନାମରେ ବିନା ଟେଣ୍ଡରରେ ଲକ୍ଷଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇ ସହରର ଉନ୍ନୟନ ନାମରେ ହରିଲୁଟ କରାଯାଉଥିବା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ପୌର ପରିଷଦ ଅଧିକାରୀ ଓ କର୍ମଚାରୀ ଅଣଦେଖା କରୁଥିବା ଅଭିଯୋଗ କରିବା ସହ ସହରର ବର୍ଦ୍ଧିତ ଟିକସ ପ୍ରତ୍ୟାହାର ଦାବିରେ ଆସନ୍ତା ଶୁକ୍ରବାର ଠାରୁ ୭ କାଉନସିଲର ପୌର ପରିଷଦ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରଜିତ କୁମାର ଭୋଜ, କାଉନସିଲର କାର୍ତ୍ତିକ ମହାକୁଡ, ମଧୁସୂଦନ ବାଗ, ପିଙ୍କି ସାହୁ ଓ ସରୋଜିନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କାଉନସିଲର।

### ଜଙ୍ଗଲ ଜମି ଅଧିକାର ସମ୍ପର୍କିତ ଗ୍ରାମସଭା

କୁଆଁରମୁଣ୍ଡା,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ଜଙ୍ଗଲ ଜମି ଅଧିକାର ସମ୍ପର୍କିତ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର କଚାରୁ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ପିଇଓ ଦେବବ୍ରତ ଦାସ ପୌରୋହିତ୍ୟ କରିଥିବାବେଳେ ସରପଞ୍ଚ ଝୁବା ଟପ୍ପୋ, ସମିତି ସଭ୍ୟ ଅଶ୍ୱିନୀ କେର୍କେଟା, ସ୍ଥାନୀୟ ବନରକ୍ଷୀ, ଭାୱେଲ ସ୍ୱେଚ୍ଛାସେବୀ ସଙ୍ଗଠନର ସୁଦୀପ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁ ବ୍ୟକ୍ତି ବା ପରିବାର ଜଙ୍ଗଲ ଜମିକୁ ୭୫ ବର୍ଷ ଧରି ନିଜ ଦାୟିତ୍ୱରେ ରଖିଥିବେ ସେମାନଙ୍କୁ ରାଜ୍ୟ ସରକାର ପଟ୍ଟା ପ୍ରଦାନ କରିବାର ବ୍ୟବସ୍ଥା କରୁଛନ୍ତି। ସେହିପରି ଗୋଷ୍ଠୀଗତ ଭାବେ ଯେଉଁ ଗ୍ରାମବାସୀ ଜଙ୍ଗଲ ଜମିକୁ ନିଜ ଦାୟିତ୍ୱରେ ରଖିଥିବେ ସେମାନଙ୍କୁ ସାମୂହିକ ଭାବେ ଉକ୍ତ ଜଙ୍ଗଲ ଜମିର ପଟ୍ଟା ସରକାର ପ୍ରଦାନ କରିବେ। ଏଥି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି ବା ପରିବାର, ସାମୂହିକ ଗୋଷ୍ଠୀ ନିର୍ଦ୍ଦିଷ୍ଟ ଫର୍ମରେ ନିଜର ନାମ ପୂରଣ କରି ନିକଟସ୍ଥ ତହସିଲରେ ଆବେଦନ କରିବା ପରେ ଜମି ପଟ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ଏହି ଗ୍ରାମସଭାରେ ଆଲୋଚନା କରାଯାଇଥିଲା। ଏଥିରେ କଚାରୁ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଗ୍ରାମବାସୀ ଉପସ୍ଥିତ ରହି ଘଟଣା ସମ୍ପର୍କରେ ବିଷଦଭାବେ ଅବଗତ ହୋଇଛନ୍ତି।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ଲହୁଣୀପଡା,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିବ୍ୟସିଂହ ପଣ୍ଡା ଶିକ୍ଷକତା ଚାକିରୀରୁ ଅବସର ଗ୍ରହଣ କରୁଥିବାରୁ ତାଳବାହାଲି କ୍ଲଷ୍ଟର ତରଫରୁ ବୁଧବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ନରହରି କିଷାନ, ମୁଖ୍ୟବକ୍ତା ଭାବେ ଉମେଶ ଚନ୍ଦ୍ର ମାହାନ୍ତ, ସମ୍ମାନିତ ଅତିଥି ଭାବେ ମହେଶ ମଣ୍ଡଳ, ସାଧୁ କିଷାନ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ମହାକୁଳ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିବରାଜ ରାୟ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଦାୟୀ ଶିକ୍ଷକ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ଉପହାର ପ୍ରଦାନ କରାଯାଇ ବିଦାୟୀ ସମ୍ବର୍ଦ୍ଧନା ଜଣାଇ ଦୀର୍ଘ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମ ନାଥୁରାମ ମହାନ୍ତ, ଭୁବନେଶ୍ୱରୀ ମାହାନ୍ତ, ଟିକିଲି ମାହାନ୍ତ, ନିରୁପମା ଦାସ, ଅଞ୍ଜନା ତ୍ରିପାଠୀ ସୁରେନ୍ଦ୍ର ମହାକୁଳ ସମେତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପଣ୍ଡା ଆସନ୍ତା ୩୧ ତାରିଖ ଚାକିରିରୁ ଅବସର ଗ୍ରହଣ କରିବେ।

# ଆଦର୍ଶ ବିଦ୍ୟାଳୟରେ ପରିଚାଳନା, ଉନ୍ନୟନ କମିଟି ବୈଠକ

ସୁନ୍ଦରଗଡ,୨୫।୫(ଡି.ଏନ୍.ଏ.)

ଲେଫ୍ରିପଡା ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ପ୍ରଥମ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ସୋରୋନିଆ, ମେଡିକାଲ ଅଫିସର ଆୟୁଷ ଶ୍ରୀମନ୍ତିନୀ ଜେନା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବନମାଳୀ ନାଏକଙ୍କ ସମେତ ବରିଷ୍ଠ ଶିକ୍ଷାବିତ ଭାବରେ ନଳିନୀ ଦଣ୍ଡସେନା, ଦେବାନନ୍ଦ ସା, ବୀଣାପାଣି ପଟେଲ, ହରିହର ଦାସ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ବନମାଳୀ ବାଗ ଓ ଅନ୍ୟାନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗୀୟ ସମସ୍ୟା ଓ ସୁଯୋଗ ଉଭୟକୁ ଭିତ୍ତିକରି ସଭାପତି ସମସ୍ତ ବିଭାଗୀୟ ଅଧିକାରୀଙ୍କ ଠାରୁ ଆଶୁ ସମାଧାନ ନିମନ୍ତେ ସହଯୋଗ କାମନା କରିଥିଲେ। ଆଦର୍ଶ ଛାତ୍ରୀଛାତ୍ରଙ୍କର ସାମଗ୍ରିକ ବିକାଶ ଦିଗରେ ଶିକ୍ଷକଙ୍କ ପ୍ରୟାସ ସମେତ ଅନ୍ୟ ସମସ୍ତ ବିଭାଗ ତଥା ଶିକ୍ଷା ପ୍ରଶାସନର ମଧ ଗୁରୁ ଦାୟିତ୍ୱ ରହିଥିବା କଥା ବୋଲି ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଲେଫ୍ରିପଡା ଆଦର୍ଶ ବିଦ୍ୟାଳୟରେ ୫୦ ପ୍ରତିଶତରୁ ମଧ କମ ଶିକ୍ଷକ ଥାଇ ସୁଦ୍ଧା ଛାତ୍ରୀଛାତ୍ରଙ୍କ କିଭଳି ଭଲ ଶିକ୍ଷା ସହିତ ବିଦ୍ୟାଳୟର ସୁପରିଚାଳନା କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଅଧିକାରୀ ସ୍କୁଲ ପରିବେଶ ଓ ଏହାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବୁଲି ଦେଖିଥିଲେ।




ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକରେ ଅଧିକାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ।

### ଗୋବିନ୍ଦତୋଲାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୫।୫(ବ୍ୟୁରୋ)

ସମ୍ବଲପୁର ସାରଥିସଂସ୍ଥା ସଭାଗୃହରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗୋବିନ୍ଦତୋଳା ମାଉସୀ ମା' ମନ୍ଦିରରେ ୯ଦିନ ବ୍ୟାପୀ ଜୀଉମାନଙ୍କ ପୂଜାର୍ଚ୍ଚନା କରାଯିବାକୁ ସ୍ଥିର ହୋଇଛି। ତେଣୁ ପ୍ରଦୀପ ପାଢୀଙ୍କ ନେତୃତ୍ୱରେ ଏକ ୧୧ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଏ. ପାଢ଼ୀ, ରବୀନ୍ଦ୍ର ନାଏକ, ରାମଚନ୍ଦ୍ର ବିଶ୍ୱାଳ, ହେମନ୍ତ ପଣ୍ଡା, ପ୍ରକାଶ ପଟ୍ଟନାୟକ, ଜୟନାରାୟଣ ଶତପଥୀ, ଶ୍ରୀକାନ୍ତ ପଣ୍ଡା, ଦିଲୀପ ଠାକୁର, ସ୍ୱରୂପ ପୁରୋହିତ, ନରେଶ ସୁନାର ପ୍ରମୁଖ ରହିଛନ୍ତି। ସେହିପରି ପୂଜା ଦାୟିତ୍ୱରେ ଜଗନ୍ନାଥ ଆଚାର୍ଯ୍ୟ, ଗୌରୀଶଙ୍କର ପଣ୍ଡା, ଟୁଲୁ ବଡ଼ପଣ୍ଡା, ରଞ୍ଜିତ ରଥ, ଅନିଲ ନାଏକ ରହିଛନ୍ତି । ତର୍ପଣ ପ୍ରଧାନ ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ଼,୨୫।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଜପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକକୁ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ବର୍ଗର ଭଉଣୀଭାଇମାନଙ୍କ ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିବା ପ୍ରକାଶ କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଜପା ଅନୁସୂଚିତ ମୋର୍ଚ୍ଚାର ରାଜ୍ୟସଭାପତି ବିଭୁପ୍ରସାଦ ତରାଇ ଯୋଗଦେଇ ଅନୁସୂଚିତମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମାର୍ଗଦର୍ଶନ ଦେଇଥିଲେ। ରାଜ୍ୟ ଉପସଭାପତି ଚନ୍ଦନ ସ୍ୱରାଜ, ସାଧାରଣ ସମ୍ପାଦକ ରାଘବ ମଲ୍ଲିକ, ସଂଯୋଜକ ସୁଶୀଲ ସେଠୀ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତୀ, ଅଜୟ ପଟେଲ, ଯଶୋବନ୍ତ ନାଏକ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ଜିଲା ସଭାପତି ସିମେଶ୍ୱର ଲରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି, ଟାଙ୍ଗରପାଲି ଅଧ୍ୟକ୍ଷା ତପସ୍ୱିନୀ ମାଝି, ରାଜା କାକ, ବିଶ୍ୱମ୍ଭର ବାଗ, ସୁରେନ୍ଦ୍ର କୁସୁମ, ସୁରେଶ ମହାନନ୍ଦିଆ, ବିବେକାନନ୍ଦ କୁଆ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।




ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ ମଞ୍ଚାସୀନ।

# ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ତଦାରଖ

ଦେବଗଡ଼, ୨୫।୫(ଡି.ଏନ୍.ଏ.)

**ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ଦେବଗଡ଼ ଗସ୍ତ**

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅରୁଣ କୁମାର ମଲ୍ଲିକ ବୁଧବାର ଦିନିକିଆ ଦେବଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ଜିଲାରେ କାର୍ଯ୍ୟକାରୀ ହେଉଥିବା 'ମୋ ସ୍କୁଲ ଅଭିଯାନ'ର ତଦାରଖ କରିଥିବା ଜଣାପଡିଛି। ସକାଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏକ ସଭାରେ ଯୁଗ୍ମ ନିର୍ଦ୍ଦେଶକ ମଲ୍ଲିକ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଶୋଭନ କୁମାର ଧଳ ଯୋଗଦେଇ 'ମୋ ସ୍କୁଲ ଅଭିଯାନ'ର ସଫଳ ରୂପାୟନ ନେଇ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ରିଆମାଳ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏବଂ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଅଧିକାରୀ ଦ୍ୱୟ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ୫-ଟି କାର୍ଯ୍ୟକ୍ରମ ଉପରେ ମଧ ସବିଶେଷ ଆଲୋଚନା କରିଥିଲେ। ଏହି ସଭାରେ ରାଜା ବାସୁଦେବ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ସିଦ୍ଧାର୍ଥ ଗୁରୁ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ଭୁବନେଶ୍ୱରୀ ପ୍ରସାଦ ଗଙ୍ଗଦେବ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରୀ ସଂସଦ ସଭାପତି ବର୍ଷା ବୈଶାଳୀ, ସ୍ମିତା ଶାଳିନୀ ନାୟକ ଓ ସୁନୀତାରାଣୀ ପୃଷ୍ଟି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରୋତ୍ତମ ସାହୁ, ରିଆମାଳ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଯଦୁମଣି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର, ରାଜା ବାସୁଦେବ ହାଇସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ରିଆମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ସମଗ୍ର ଶିକ୍ଷା ଅଭିଯାନର ସିନିୟର ଟିପି ଏବଂ ଏଫ୍‌ସି ମଧ ଉପସ୍ଥିତ ଥିଲେ। ଏହି ସଭା ପରେ ଉପରୋକ୍ତ ଅଧିକାରୀମାନେ ଜିଲାର ବିଭିନ୍ନ ବିଦ୍ୟାଳୟକୁ ଯାଇ 'ମୋ ସ୍କୁଲ ଅଭିଯାନ'ର ତଦାରଖ କରିଥିବା ଜଣାପଡିଛି।




ସଭାରେ ଯୁଗ୍ମ ନିର୍ଦ୍ଦେଶକ ଅରୁଣ କୁମାର ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ।

**ଶୀତଳଷଷ୍ଠୀ ଯାତ୍ରା: ଶାନ୍ତି କମିଟି ବୈଠକ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଅଧକ୍ଷତା କରିଥିଲେ। ଆଇନଶୃଙ୍ଖଳା, ଟ୍ରାଫିକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଯାତ୍ରା ସମୟରେ ବହୁ ଲୋକଙ୍କ ସମାଗମ ହେବ। ସେମାନଙ୍କ ସୁରକ୍ଷାକୁ ନେଇ ମଧ ଆଲୋଚନା ହୋଇଥିଲା। ଯାତ୍ରା କମିଟି ସଦସ୍ୟମାନେ ସହଯୋଗ କରିବାକୁ ପୋଲିସ ଅନୁରୋଧ କରିଥିଲା। ସୁରୁଖୁରୁରେ ଯେଭଳି ଯାତ୍ରା ପାଳନ କରାଯିବ ସେ ନେଇ ସମସ୍ତେ ମତ ରଖିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସମ୍ବଲପୁରୀ ଭାଷା ସଂସ୍କୃତି ପରଷଦର ପ୍ରତିଷ୍ଠା ଦିବସ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

**ରେଢ଼ାଖୋଲ,୨୫ା୫(ଡି.ଏନ.ଏ.):** ରେଢ଼ାଖୋଲ ଖନ୍ଦାଡିପ ସାହିର ଜଣେ ୧୭ବର୍ଷର ନାବାଳିକା ବୁଧବାର ସକାଳେ ଘରେ କେହି ନ ଥିବାବେଳେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ପୋଲିସ ମୃତଦେହ ଜବତ କରି ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାମତେ ସକାଳେ ନାବାଳିକାଙ୍କ ମା' ସାହିରେ ଥିବା ମହାମାୟୀ ମନ୍ଦିରକୁ ପୂଜା କରିବାକୁ ଯାଇଥିବା ବେଳେ ବାପା ବଜାରକୁ ଯାଇଥିଲେ। ମନ୍ଦିରରୁ ଫେରି ମା' ଘରର କବାଟ ଭିତରପଟୁ ବନ୍ଦ ଥିବା ଦେଖି ପଛପାଖରୁ ଭିତରକୁ ଯାଇଥିଲେ। ସେ ଘର ଭିତରେ ଝିଅର ମୃତଦେହ ଝୁଲୁଥିବା ଦେଖି ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକା ସ୍ଥାନୀୟ ଭୀମଭୋଇ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୨୫ା୫(ଡି.ଏନ.ଏ.):** ନାବାଳିକାଙ୍କୁ



ବଳାତ୍କାର ଅଭିଯୋଗରେ କୁଚିଣ୍ଡା ପୋଲିସ ବୁଧବାର ବାଦଲ ମିଞ୍ଜ (୨୨) ନାମକ ଯୁବକଙ୍କୁ ଗିରଫ କରି ସମ୍ବଲପୁର ପୋକ୍‌ସୋ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ୨୦୨୦ରେ କରୋନା ଲକ୍‌ଡାଉନ ସମୟରେ ଏହି ଥାନା ଅଞ୍ଚଳର ନାବାଳିକା ରାତି ୮ଟାରେ ଟ୍ୟୁଶନରୁ ଫେରୁଥିବା ସମୟରେ କିରାଶାସନ ଗ୍ରାମର ବାଦଲ ଓ ଅନ୍ୟଜଣେ ତାଙ୍କୁ ରାସ୍ତାରୁ ଉଠାଇନେଇ ବଳାତ୍କାର କରି ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଘରେ କାହାକୁ କହିଲେ ଭିଡିଓ ଭାଇରାଲ କରିଦେବା ପାଇଁ ଧମକ ଦେଇଥିଲେ। ନାବାଳିକା ଭୟରେ କାହାକୁ ନ କହି ଚୁପ ରହିଥିଲେ। ଅଭିଯୁକ୍ତମାନେ ନାବାଳିକାଙ୍କୁ ଧମକ ଦେଇ ବାରମ୍ବାର ଯୌନ ନିର୍ଯାତନା ଦେଇଆସୁଥିଲେ। ଅସହ୍ୟ ହେବାରୁ ନାବାଳିକା ଜଣକ ସ୍କୁଲକୁ ଯାଇ ଛୁଟି ପରେ ମଧ ଘରକୁ ଫେରି ନ ଥିଲେ। ସ୍କୁଲର ୱାଡେନ ସନ୍ଦେହ କରି ପଚାରିବାରୁ ନାବାଳିକା ସବୁକଥା କହିଥିଲେ। ୱାଡେନଙ୍କଠାରୁ ନାବାଳିକାଙ୍କ ବାପା ଜାଣିବା ପରେ ମଙ୍ଗଳବାର କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୯୫/୨୨ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ହତ୍ୟା ମାମଲାରେ ଯୁବକ ଗିରଫ

**କୁଚିଣ୍ଡା,୨୫ା୫(ଡି.ଏନ.ଏ.):** କୁଚିଣ୍ଡା ଥାନା ପୋଲିସ ୨୦ ବର୍ଷ ତଳ ୨୦୦୨ ମସିହାର ଏକ ହତ୍ୟା ମାମଲାରେ ଜଡିତ ଥିବା ବିଜାଡିହି ଗ୍ରାମର ତୀର୍ଥ କବାଟ ନାମକ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜେଜିଆର ୦୫/୨୦୦୨ ଅନୁଯାୟୀ କୋର୍ଟ ଅଭିଯୁକ୍ତଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ ।

# ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

**ଝାରସୁଗୁଡ଼ା ଅଫିସ,୨୫ା୫**

ବ୍ରାଉନ୍‌ସୁଗାର ଚାଲାଣ ଅଭିଯୋଗରେ ଝାରସୁଗୁଡ଼ା ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡା ମଙ୍ଗଳବଜାର ଟାଟାଗଳିର ଜିତେଶ କୁମାର (୨୪), ଇର୍ଶାଦ୍ ଖାନ (୩୦) ଓ ମହମ୍ମଦ ମମ୍‌ତାଜ (୨୭)। ଏମାନଙ୍କ ନିକଟରୁ ପୋଲିସ ୧୭ଗ୍ରାମ ବ୍ରାଉନ୍ ସୁଗାର, ୨ କେଟିଏମ୍ ବାଇକ୍, ଗୋଟିଏ ମୋବାଇଲ୍ ସହିତ ନଗଦ ୧୩,୦୯୦ଟଙ୍କା ଜବତ କରିଛି । ଏ ନେଇ ପୋଲିସ ଝାରସୁଗୁଡା ଥାନା କେସ୍ ନଂ୨୮୬/୨୨ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି ।

ଝାରସୁଗୁଡ଼ା ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ଟାଉନ ଥାନା ଆଇଆଇସି ଏକ ଖବରଦାତା ସମ୍ମିଳନୀରେ ସୂଚନା



ଗିରଫ ୩ ଅଭିଯୁକ୍ତ, ଜବତ ୨ ବାଇକ୍।

ଦେଇ କହିଛନ୍ତି, ବ୍ରାଉନ୍‌ସୁଗାର ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପୋଲିସ ମଙ୍ଗଳବାର ଅପରାହ୍ନରେ ଏୟାରପୋର୍ଟ ସମ୍ମୁଖ ରାସ୍ତାରେ ଯାନବାହନ ଯାଞ୍ଚ କରିଥିଲା। ଏହି ସମୟରେ ସୁନ୍ଦରଗଡରୁ ଝାରସୁଗୁଡା

**ରାଞ୍ଚିରୁ ଓଡ଼ିଶାକୁ ଲମ୍ବିଛି ଚେର**

ଆସୁଥିବା ୨ଟି ବାଇକ୍ ଅଟକାଇ ଯାଞ୍ଚ କରିବାରୁ ସିଟ୍ ତଳୁ ବ୍ରାଉନ୍‌ସୁଗାର ମିଳିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହାର ତଦନ୍ତ କରାଯାଇଥିଲା । ଏହାର ମୂଲ୍ୟ ୩ରୁ ୪ଲକ୍ଷ ଟଙ୍କା ହେବ ବୋଲି ପୋଲିସ୍ ସୂତ୍ରରୁ ଜଣାପଡିଛି। ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଏହି ବ୍ରାଉନ୍ ସୁଗାର ରାଞ୍ଚିରୁ ରାଉରକେଲା ଦେଇ ଓଡ଼ିଶାକୁ ଆସୁଛି। ଏ ଦିଗରେ ଝାରସୁଗୁଡା ପୋଲିସ୍ ତୀକ୍ଷ୍ଣ ନଜର ରଖି ର୍ୟାକେଟ୍ ମୁଖ୍ୟଙ୍କୁ ଧରିବାପାଇଁ ପ୍ରୟାସ ଚଳାଇଛି। ଗିରଫ ୩ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଚୋରି, ରାହାଜାନି, ହତ୍ୟା ଧମକ, ଆକ୍ରମଣ ନେଇ ମାମଲା ରହିଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ଓଡ଼ିଶା ଦଳକୁ ୧୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ ପଦକ




ପଦକ ହାସଲ କରିଥିବା ଓଡ଼ିଶା ଦଳର ଆଥ୍‌ଲେଟ୍‌ମାନେ।

**ସମ୍ବଲପୁର,୨୫ା୫(ବ୍ୟୁରୋ)**

**ଚତୁର୍ଥ ମାଷ୍ଟର୍ସ ଗେମ୍ସ**

ଚତୁର୍ଥ ମାଷ୍ଟର୍ସ ଗେମ୍ସରେ ଓଡ଼ିଶା ଦଳ ୧୩ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛି। ସମ୍ବଲପୁର ସହରର ରେଖା ଦେ ମହିଳା ବର୍ଗ ୧୦୦ମିଟର ଦୌଡ଼, ଲମ୍ଫଡିଆଁ ଓ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ଏବଂ ବୁଧୁଆ ମୁଣ୍ଡା ୩୦ବର୍ଷ ପୁରୁଷ ବର୍ଗର ୫ ହଜାର ଓ ୨୦୦ ମିଟର ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ରାଜ୍ୟ ଦଳରେ ସାମିଲ ଥିବା ମାଳବିକା ମିଶ୍ର ୪୦ବର୍ଷ ବର୍ଗର ୪୦୦ ମିଟର ବାଧା ଦୌଡରେ ରୌପ୍ୟ, ପାର୍ବତୀ ସେଠୀ ଡିସ୍‌କସ୍ ଓ ଶଟ୍‌ପୁଟରେ ସ୍ୱର୍ଣ୍ଣ, ଏ ସରୋଜିନୀ ୮୦ ମିଟର ବାଧା ଦୌଡରେ ସ୍ୱର୍ଣ୍ଣ ଓ ଟ୍ରିପଲ ଜମ୍ପରେ କାଂସ୍ୟ, ଅନୁପମା ଘିବେଲା ୮୦ମିଟର ବାଧା ଦୌଡରେ କାଂସ୍ୟ ପଦକ ପାଇଛନ୍ତି। ଅରୁଣ ଘିବେଲା ଉଚ୍ଚଡିଆଁରେ ସ୍ୱର୍ଣ୍ଣ, କମଳିନୀ ନାଏକ ୧୦୦ମିଟର ଦୌଡ, ଲମ୍ଫଡିଆଁ ଓ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମଣିକାନ୍ତ ରାଜ ପୁରୁଷ ୪୦ବର୍ଷ ବର୍ଗର ୧୦୦ ଓ ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗତ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ କେରଳ ରାଜ୍ୟର ତିରୁଅନନ୍ତପୁରମଠାରେ ପ୍ରତିଯୋଗିତା ହୋଇଥିଲା।

# 'ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'




ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି ।

**ସମ୍ବଲପୁର,୨୫ା୫(ବ୍ୟୁରୋ)**

**୩ୟ ଜିଲା ପରିଷଦ ବୈଠକ**

ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ତୃତୀୟ ଜିଲା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି କୁମୁଦିନୀ ନାୟକଙ୍କ ଅଧ୍ୟକ୍ଷତାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଏମ୍‌ପି ପ୍ରତିନିଧି ରାଧେଶ୍ୟାମ ବାରିକ, ବିଧାୟକ ପ୍ରତିନିଧି ସମୀର ବାବୁ, ଗୋପିରଞ୍ଜନ ବେହେରା, ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଆର୍ଥିକବର୍ଷ ୨୦୨୨-୨୩ର ଖରିଫ ଚାଷ, ଉଦ୍ୟାନ ବିଭାଗର ଅଗ୍ରଗତି, ମତ୍ସ୍ୟ ବିଭାଗ, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା, ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ନିର୍ମାଣ, ଜଳ ସେଚନ, ପଞ୍ଚାୟତିରାଜ, ପାନୀୟ ଜଳ ଓ ପରିମଳ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ଜୀବିକା ମିଶନ, ଆବାସ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ ବିକାଶ, ଯୋଗାଣ ଓ ଖାଉଟି କଲ୍ୟାଣ ଇତ୍ୟାଦି ବିଭାଗ ଉପରେ ଆଲୋକପାତ କରାଯାଇଥିଲା। ବିଭାଗୀୟ ଅଧିକାରୀ ନିଜ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଲୋକପ୍ରତିନିଧି ନିଜ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ସମାଧାନ କରିବାକୁ କହିଥିଲେ। କୃଷି ବିଭ ।ଗର ଗୋସୁଗମ ଏବଂ କୃଷକ ଓଡ଼ିଶା ପୋର୍ଟାଲରେ ଯେମିତି ଅଧିକ ଚାଷୀ ପଞ୍ଜୀକୃତ ହୋଇପାରିବେ ସେଥିପ୍ରତି ସଚେତନତା ସୃଷ୍ଟି ନିମନ୍ତେ ଜିଲାପାଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପଞ୍ଜୀକୃତ କରିବା ପରେ ଚାଷ ସଂକ୍ରାନ୍ତରେ ସମସ୍ତ ସୂଚନା ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ। ବିଭିନ୍ନ ବିଭାଗର କାର୍ଯ୍ୟପନ୍ଥା, ଯୋଜନା ଇତ୍ୟାଦି ଉପରେ ଜନସାଧାରଣ ଯେପରି ଅବଗତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ନିମନ୍ତେ ସମସ୍ତ ବିଭାଗକୁ ଜିଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ।

# ହୀରାକୁଦ ନଦୀବନ୍ଧରୁ ବର୍ଷା ଋତୁରେ ବନ୍ୟାଜଳ ନିଷ୍କାସନ ହେବ

**ସମ୍ବଲପୁର,୨୫ା୫(ବ୍ୟୁରୋ)**

ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷ ବର୍ଷା ଋତୁରେ ଯେକୌଣସି ସମୟରେ ବନ୍ୟାଜଳ ନିଷ୍କାସନ କରାଯିବ । ତେଣୁ ମହାନଦୀ ଶଯ୍ୟାରେ ଚଳାଚଳ ଓ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି। ମଙ୍ଗଳବାର ହୀରାକୁଦ ନଦୀବନ୍ଧ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସରୋଜ କୁମାର ପାଣିଗ୍ରାହୀ ଏକ ପ୍ରେସ ବିବୃତ୍ତିରେ ସୂଚିତ କରିଛନ୍ତି ଯେ, ବନ୍ୟାଜଳ ନିଷ୍କାସନ ସମୟରେ ହୀରାକୁଦ ବନ୍ଧ ବାମ ସ୍ପିଲୱେଠାରେ ସାଇରନ ବଜାଇବାର ବ୍ୟବସ୍ଥା କରାଯାଇଛି। ଏହା ୨ଥର ୨୦ ସେକେଣ୍ଡ ଅନ୍ତରରେ ୩୦ ସେକେଣ୍ଡ ଧରି ବାଜିବ। ନଦୀବନ୍ଧର ପ୍ରକୃତ ଗେଟ ଖୋଲାଯିବାର ଦୁଇଘଣ୍ଟା ପୂର୍ବରୁ ଅବିଚ୍ଛିନ୍ନ ଭାବେ ବାଜି ଚାଲିବ। ଏହା ଅନ୍ୟ ସାଇରନଠାରୁ ଭିନ୍ନ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ କହିଛନ୍ତି ।

# ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍

**ସମ୍ବଲପୁର,୨୫ା୫(ବ୍ୟୁରୋ)**

ସମ୍ବଲପୁର ଜିଲା ଶିକ୍ଷା ଅଫିସ ପକ୍ଷରୁ ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍ ହିନ୍ଦୀ ହାଇସ୍କୁଲ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରାଙ୍କ ପରିଚାଳନାରେ ଯୋଗ ଅଲିମ୍ପିଆଡ୍ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରମଣୀରଞ୍ଜନ ସାହୁ, ସତ୍ୟନାରାୟଣ ପଣ୍ଡା, ତ୍ରିବିକ୍ରମ ରଣା, ଲକ୍ଷ୍ମୀ ନାଥ ଯୋଗଦେଇଥିଲେ। ଜିଲାର ବିଭିନ୍ନ ସ୍କୁଲରୁ ୫୮ଜଣ ଛାତ୍ରୀଛାତ୍ର ଭାଗ ଦେଇଥିଲେ।

# ଶୀତଳଷଷ୍ଠୀର ସାମାଜିକ ଗୁରୁତ୍ୱ ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର,୨୫ା୫(ବ୍ୟୁରୋ)**

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ଶୀତଳଷଷ୍ଠୀର ସାମାଜିତ ଗୁରୁତ୍ୱ ଶୀର୍ଷକ ଆଲୋଚନା ଚକ୍ର ମହାନଦୀ ସଭା କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶାଖା ଅଧ୍ୟକ୍ଷ ମକରଧ୍ୱଜ ଯୋଶୀଙ୍କ ପରିଚାଳନାରେ ସଭା ହୋଇଥିଲା। ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାଖା ସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ସଭ୍ୟ ବ୍ୟୋମକେଶ ପଣ୍ଡା, ଡା. ରାଜକୁମାର ବଡପଣ୍ଡା ଯାତ୍ରା ସମୟରେ କିପରି ସେବା କରାଯିବ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

**ବ୍ରଜରାଜନଗର ଉପନିର୍ବାଚନ**

# ଦଳଗତ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

**ଝାରସୁଗୁଡ଼ା ଅଫିସ,୨୫ା୫**

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ବ୍ରଜରାଜନଗର ଉପ ନିର୍ବାଚନ ପରିଚାଳନା ସକାଶେ ଗଠିତ ବିଭିନ୍ନ ଟିମର ନୋଡାଲ ଅଧିକାରୀମାନଙ୍କୁ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ନେଇ ପରାମର୍ଶ ଦେଇଛନ୍ତି। ଦଳଗତ ଭାବରେ କାର୍ଯ୍ୟ କରିବା ଉପରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ କର ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ସରୋଜ କୁମାର ସାମଲ, ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲାପାଳ ଦୟାମୟ ପାଢ଼ୀ, ଡିଆର୍‌ଡିଏ ପିଡି ତପିରାମ ମାଝି, ଅତିରିକ୍ତ ଜିଲାପାଳ



ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ।

(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମେଶ୍ୱର ଅମାତ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଯୋଗେନ୍ଦ୍ର କୁମାର ମାଝି ଏବଂ ବିଭିନ୍ନ ଟିମ୍‌ର ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ୧୪୫ ଭୋଟ ଗ୍ରହଣ କେନ୍ଦ୍ରରେ ୱେବ କାଷ୍ଟିଂ କରିବାକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ। ସେହିପରି ନିର୍ଦ୍ଧାରିତ ସମୟରେ ପ୍ରଚାର କାର୍ଯ୍ୟ ବନ୍ଦ ରଖାଯିବା, ମୁତୟନ ହୋଇଥିବା ସେକ୍ଟର ଅଫିସର ଓ ମାଜିଷ୍ଟ୍ରେଟଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭୋଟ ଗଣତି କେନ୍ଦ୍ର ଓ ଭୋଟ ପାଇଁ ବ୍ୟବହୃତ ସାମଗ୍ରୀ ବିତରଣ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ପରିଚାଳନା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ।

### ପ୍ରଶିକ୍ଷଣ ଶିବିର

ବ୍ରଜରାଜନଗର ଉପନିର୍ବାଚନରେ ମାଇକ୍ରୋ ଅବଜର୍ଭରଙ୍କ ଦାୟିତ୍ୱ ନିର୍ବାହ ସମ୍ପର୍କରେ ବୁଧବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ପର୍ଯ୍ୟବେକ୍ଷକ ମାଧବୀ କଟାରିଆ ଉପସ୍ଥିତ ରହି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁସାରେ ମାଇକ୍ରୋ ଅବଜର୍ଭରମାନେ ଭୋଟ ଗ୍ରହଣ ପୂର୍ବରୁ, ଭୋଟ ଗ୍ରହଣ ସମୟରେ ଓ ସମାପ୍ତି ପରେ କିପରି କାର୍ଯ୍ୟ ତୁଲାଇବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ମତଦାନ କେନ୍ଦ୍ର ପ୍ରସ୍ତୁତି, ମତଦାନ କେନ୍ଦ୍ରରେ ପାଣି, ବିଦ୍ୟୁତ୍, ମତଦାନ ସକାଶେ ଆବଶ୍ୟକୀୟ ପ୍ରମାଣପତ୍ର, ପୋଲିଂ ଏଜେଣ୍ଟଙ୍କ ବସିବା ସ୍ଥାନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

# ବିଜେଡିର ମହିଳା ସମାବେଶ

**ଝାରସୁଗୁଡ଼ା ଅଫିସ, ୨୫ା୫**

ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଲଖନପୁର ୨ନଂ ଜୋନର କଦମଡିହି ଓ ଲଖନପୁରରେ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ। କଦମଡିହି ଠାରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ମହିଳା ପ୍ରଚାର କମିଟି ସଂଯୋଜିକା ଦୀପାଳି ଦାସ, ବିଜେଡି ଉପସଭାପତି ଦେବୀ ମିଶ୍ର, ଝାରସୁଗୁଡା ପର୍ଯ୍ୟବେକ୍ଷକ ସୁବାସ ସିଂ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଲତିକା ପ୍ରଧାନ, ମାମି ମିଶ୍ର, ସନତ ସିଂ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନତିମୂଳକ କାର୍ଯ୍ୟ ଅବତାରଣା କରି ଅଳକା ମହାନ୍ତିଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବିଜେଡି ଲଖନପୁର ବ୍ଲକ ସଭାପତି ରବିରତ୍ନ ପ୍ରଧାନ ପରିଚାଳନା କରିଥିଲେ। ଅପରାହ୍ନରେ ଲଖନପୁର ଫୁଟବଲ ପଡିଆରେ ଅନୁଷ୍ଠିତ ମହିଳା ସମାବେଶରେ ଏମ୍‌ପି ମୁନ୍ନା ଖାନ, ସ୍ନେହାଙ୍ଗିନୀ ଛୁରିଆ, ଦୀପାଳି ଦାସ, ସୁବାସ ସିଂ, ପ୍ରମିଳା ମଲ୍ଲିକ, ଲତିକା ପ୍ରଧାନ, ମାମି ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରାଜସ୍ୱ, ଜମିଜମା ବିଷୟରେ ସମୀକ୍ଷା

**ସୁନ୍ଦରଗଡ,୨୫ା୫(ଡି.ଏନ.ଏ)**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ରାଉରକେଲା ଗସ୍ତ**

ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବୁଧବାର ରାଉରକେଲା ଗସ୍ତରେ ଆସି ରାଜସ୍ୱ ଓ ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଛନ୍ତି। ରାଉରକେଲା ଇସ୍ପାତ କାରଖାନା ସମ୍ପର୍କିତ ଜମିଜମା ପ୍ରସଙ୍ଗ, ରେଜିଷ୍ଟ୍ରେସନ ଅଫିସର ଉନ୍ନତିକରଣ, ଜମି ଅଧିକାର ସଂକ୍ରାନ୍ତୀୟ ପ୍ରସଙ୍ଗ, ବିସ୍ଥାପନ କମିଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ପର୍କିତ ଜମିଜମା ବିଷୟରେ ସେ ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ରାଉରକେଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ପ୍ରଶାସନକୁ ହସ୍ତାନ୍ତର ହୋଇଥିବା ଜମି ସବୁ ବୁଲି ଦେଖିଥିଲେ। ରାଉରକେଲାରେ ପହଞ୍ଚି ସେ ପ୍ରଥମେ କୋଏଲନଗରଠାରେ ଶିଳ୍ପ ବିସ୍ଥାପିତମାନଙ୍କୁ ଯେଉଁ ଜମି ପ୍ରଦାନ କରାଯିବ ତାହା ବୁଲି ଦେଖିଥିଲେ। ସେହିପରି ବନ୍ଧମୁଣ୍ଡାର ବରକାନିଠାରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ଅନ୍ୟାନ୍ୟ ସ୍ଥାନରେ କାରଖାନା ପକ୍ଷରୁ ବିସ୍ଥାପିତ ଲୋକଙ୍କର ଥଇଥାନ ପାଇଁ ଥିବା ଜମି ବିଷୟରେ ମଧ ସେ ସମୀକ୍ଷା କରିଥିଲେ। ୨୦୨୩ରେ ଭୁବନେଶ୍ୱର ସହ ରାଉରକେଲାଠାରେ ପୁରୁଷ ହକି ବିଶ୍ୱକପ ଆୟୋଜନ କରାଯିବ। ଏଥିପାଇଁ ବିପିୟୁଟି କ୍ୟାମ୍ପସଠାରେ ନିର୍ମାଣ କରାଯାଉଥିବା ଦେଶର ସର୍ବବୃହତ ହକି ଷ୍ଟାଡିୟମର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି ସୁନ୍ଦରଗଡ଼ ଜିଲାରେ ଜମିଜମା ସଂକ୍ରାନ୍ତୀୟ ତଥ୍ୟକୁ ଡିଜିଟାଲାଇଜ କରିବା ପାଇଁ ହାଇଟେକ ସର୍ଭେ କରାଯାଉଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଏହି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ସହିତ ଜିଲାର ରାଜସ୍ୱ ତଥା ଜମିଜମା ସଂକ୍ରାନ୍ତୀୟ ଆଲୋଚନା କରିଥିଲେ। ଏହାସହ ଜିଲାରେ ଥିବା ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ନାମରେ ଜମିପଟ୍ଟା କରାଯିବା ନେଇ ମଧ ସମୀକ୍ଷା କରାଯାଇଥିଲା। ଏହି ଗସ୍ତବେଳେ ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭେର ନିର୍ଦ୍ଦେଶକ ତୁଷାରକାନ୍ତ ମହାନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ଅମୀୟ କୁମାର ସାହୁ, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମର କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ପାନପୋଷ ଆରଆଇ ନିରଜ ଗୁପ୍ତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡିମିରିମୁଣ୍ଡା ପଞ୍ଚାୟତ: ରାସ୍ତା ଅବସ୍ଥା ଶୋଚନୀୟ

**ଜମନକିରା,୨୫ା୫(ଡି.ଏନ.ଏ.)**

- ବର୍ଷା ପୂର୍ବରୁ ତିଆରି ନ ହେଲେ ଦୁର୍ଦ୍ଦଶା ବଢ଼ିବ
- ପାଣିର ଗାର ପାଲଟିଛି ପ୍ରତିଶ୍ରୁତି

ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତର ରାସ୍ତାଘାଟ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ପାନୀୟଜଳ ମଧ ଲେଶକଙ୍କ ଅନ୍ୟତମ ପ୍ରମୁଖ ସମସ୍ୟା ହୋଇଛି। ଏ ନେଇ ଲୋକେ ପଞ୍ଚାୟତ ଅଫିସ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରତିଶ୍ରୁତି ମିଳିଥିଲା। ହେଲେ ତାହା ପାଣିର ଗାର ପାଲଟିଥିବା ଗ୍ରାମବାସୀ କହିଛନ୍ତି। ଆସନ୍ତା ବର୍ଷା ପୂର୍ବରୁ ରାସ୍ତା ତିଆରି ନ ହେଲେ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗିବା ଆଶଙ୍କା କରି ଚିନ୍ତିତ ହୋଇପଡିଛନ୍ତି।

ଡିମିରିମୁଣ୍ଡା ପଞ୍ଚାୟତର ୧୫ନଂ ୱାର୍ଡ ଅନ୍ତର୍ଗତ ବାମଣ୍ଡାଗଡ ସମେତ ବାଘିଆବେରନି, ବଡକୁଦର, ବିଜାଡ଼ିହି ପ୍ରଭୃତି ଗ୍ରାମ ରହିଛି। ପଞ୍ଚାୟତ



ଗାଁକୁ ପଡିଥିବା ଜଙ୍ଗଲିଆ ରାସ୍ତା।

କାର୍ଯ୍ୟାଳୟଠାରୁ ଏହି ଗ୍ରାମଗୁଡ଼ିକର ଦୂରତା ୧୫ କି.ମି.ରୁ ଅଧିକ ହେବ। ବିଭିନ୍ନ କାମ ପାଇଁ ଲୋକେ ପାଦରେ ଚାଲି ଚାଲି ଯା'ଆସ କରିଥାନ୍ତି। ବାମଣ୍ଡାଗଡଠାରୁ ବିଜାଡିହି ଦୀର୍ଘ ୯କିମି ରାସ୍ତା ବଣପାହାଡ ଘେରା। ବର୍ଷା ଦିନେ ରାସ୍ତା କାଦୁଅ ହୋଇଯିବାରୁ ଯିବାଆସିବାରେ ବହୁତ ଅସୁବିଧା ହୁଏ। ପୁଣି ରାସ୍ତାରେ ପଡୁଥିବା ନଈ, ନାଳ ବଢ଼ିଲେ ଲୋକେ ଦେବଗଡ଼ ଜିଲା ଦେଇ ପ୍ରାୟ ୨୫ କି.ମି. ଅତିକ୍ରମ କରି ପଞ୍ଚାୟତ ଅଫିସକୁ ଚାଉଳ ଓ ଭତ୍ତା ନେବାକୁ ଆସିଥାନ୍ତି। କୌଣସି ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଚିକିତ୍ସାଳୟ ନେବାକୁ ହୋଇଥାଏ। ପାଣି ସମସ୍ୟା ନେଇ ଜେଇ ଜ୍ଞାନସ୍ୱରୂପ ବାଡାଙ୍କୁ ପଚାରିବାରୁ ଆମେ ଉକ୍ତ ସ୍ଥାନକୁ ଯାଇ ପାଣି ପରୀକ୍ଷା କରିବୁ, ତା' ପରେ ବ୍ୟବସ୍ଥା କରିବୁ ବୋଲି କହିଥିଲେ। ଏ ସମ୍ପର୍କରେ ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରୁ ସେ ତୁରନ୍ତ ଏହି ସମସ୍ୟା ସମାଧାନ ହେବ ବୋଲି ମତ ରଖିଥିଲେ।

## ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

ମ.ରାମପୁର,(ଡି.ଏନ.ଏ.): ବିଶିଷ୍ଟ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ପ୍ରମୁଖ ବିପ୍ଳବୀ ସାରଥୀ, ଶ୍ରମିକ ନେତା, ୩ ଥର ନିର୍ବାଚିତ ଏମ୍‌ପି ତଥା ସିପିଆଇ(ଏମ୍) ରାଜ୍ୟ ନେତା ଶିବାଜୀ ପଟ୍ଟନାୟକଙ୍କ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସମ୍ପାଦକ ବିଶ୍ୱଜିତ୍ ଚାଟାର୍ଜୀ, ସମ୍ପାଦକ ମଣ୍ଡଳୀ ସଭ୍ୟ ଗଙ୍ଗାଧର ପ୍ରହରାଜ, ଗ୍ରାମ ସମ୍ପାଦକ ସତ୍ୟଜିତ୍ ଚାଟାର୍ଜୀ, ବିନତା ରାଉତ, ମନୋରଞ୍ଜନ ତ୍ରିପାଠୀ ଓ ଅନ୍ୟ ସାଥୀମାନେ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବେହେରା,୨୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଦଣ୍ଡପାଟ ବେହେରା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦଣ୍ଡପାଟ ତ୍ରିନାଥ ମେଳା କମିଟି ତଥା ବେହେରା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ନାମଯଜ୍ଞରେ କର୍ତ୍ତାଭାବେ ଅନିଲ ପଣ୍ଡା ଓ ଶିଖାରାଣୀ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ତ୍ରାହିକର ମିଶ୍ର, ମୋହନ ତିୱାରୀ ଯଜ୍ଞ ସମ୍ପାଦନ କରିଥିଲେ। ଏଥିରେ ୪ଟି ଜିଲାର ୮ଟି ପ୍ରମୁଖ ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି। ରବିବାର କଳସ ଯାତ୍ରା ଓ ଅଧିବାସ ପୂଜନ, ସୋମବାର ଭୋର ସକାଳୁ ନାମାରମ୍ଭ ହୋଇ ବୁଧବାର ନାମ ସମାପନ ଓ ପୂର୍ଣ୍ଣାହୁତି ହୋଇଛି। ଗତ ୨ ବର୍ଷ କରୋନା ଯୋଗୁ ସ୍ଥଗିତ ଥିବାରୁ ଏବର୍ଷ ମହାସମାରୋହରେ ହେଉଥିବା ଯୋଗୁ ହଜାର ହଜାର ଭକ୍ତଙ୍କ ଗହଳି ଦେଖିବାକୁ ମିଳୁଛି। ଦଣ୍ଡପାଟ ଡ୍ରାଇଭର ସଂଘ ଟ୍ୟାଙ୍କର ଦ୍ୱାରା ପିଇବା ପାଣି ଯୋଗାଇ ଦେଉଥିବା ବେଳେ ଅଖିଳ ଭାରତୀ ମାରୱାଡି ମହିଳା ସଂଘ ଦ୍ୱାରା ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇଥିଲା। ସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ପାଦକ ନିରଞ୍ଜନ ନାଏକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଗୋପାଲ, ରଜନି ନାଏକ, ବଳରାମ ପୂଝାରୀ, ଚରଣ ସାହୁ, କ୍ଷିତିରାମ ସାହୁ ତଥା ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ହୋଇଥିବା ବେଳେ ରିଙ୍କୁ ଅଗ୍ରୱାଲ, ଲଳିତ ମୋହାନ ଅଗ୍ରୱାଲ, ତୁଳସୀରାମ ବାରିକ, ପିଣ୍ଟୁ ତିୱାରୀ, ଗୌର ଚନ୍ଦ୍ର ବାଗ, ଭାରତ ଗୋପାଲଙ୍କ ସମେତ ବେହେରାବାସୀ ସହଯୋଗ କରିଥିଲେ।

## କେସିଙ୍ଗା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

**କେସିଙ୍ଗା,୨୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପୂର୍ବତନ ଯୁବଅଧକ୍ଷ ରମାକାନ୍ତ ଗୌଡ଼ଙ୍କ ଅକାଳ ବିୟୋଗରେ ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବଙ୍କ ଅଧକ୍ଷତାରେ ସର୍ବଦଳୀୟ ଏକ ଶୋକସଭା ସଦଭାବନା ସଭା ଗୃହରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ରାତି ସାଢେ ୮ଟାରେ ବିଶାଖାପାଟଣା ଏକ ଘରୋଇ ହସ୍ପିଟାଲରେ ୪୨ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଏନ୍‌ଏସି ସଦଭାବନା ସଭା ଗୃହରେ ତାଙ୍କ ଫୋଟୋରେ ପୁଷ୍ପମାଲ୍ୟ ଦେବା ଶହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସହର ବିଭିନ୍ନ ବ୍ୟକ୍ତିବିଶେଷମାନେ ତାଙ୍କ ବ୍ୟକ୍ତିତ୍ୱ ଉପରେ ସ୍ମୃତି ଚାରଣ କରିଥିଲେ। ଏନ୍‌ଏସି ଉପାଧକ୍ଷ୍ୟା ସରସ୍ୱତୀ ସାହା, ନିର୍ବାହୀ ଅଧିକାରୀ ମିସ କିରଣ ବେହେରା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତ ରାଣୀ ସାହୁ, ପୂର୍ବତନ ଅଧକ୍ଷ୍ୟା ପ୍ରତିଭା ଚୌଧୁରୀ, ପୂର୍ବତନ ଉପାଧକ୍ଷ ସୂର୍ଯ୍ୟ ଦାସ, ଶିକ୍ଷାବିତ ଉମା ଶଙ୍କର ସାହୁ, କେସିଙ୍ଗା ସମବାୟ ସମିତି ସଭାପତି ସନ୍ତୋଷ ଶର୍ମା, ଚିତ୍ତରଞ୍ଜନ ଭୋଇ, ଟାଉନ ବିଜେଡି ସଭାପତି ରମେଶ ପଟ୍ଟନାୟକ ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ଯୋଗଦାନ କରି ଶୋକବ୍ୟକ୍ତ କରିଥିଲେ। ସ୍ୱର୍ଗତ ରମାକାନ୍ତଙ୍କ ନାମରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଶୋକସଭାରେ ନିଷ୍ପତ୍ତି ନିଆଯାଇଛି। କେସିଙ୍ଗା ସାମ୍ବାଦିକ ମହାସଂଘ ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ତୁମେଶ୍ୱର ସାହୁ, ମଧୁ ସିନ୍ଧୁର ପ୍ରମୁଖ ଯୋଗଦେଇଥିଲେ।


ଜୁନାଗଡରେ ଅନୁଷ୍ଠିତ ବନ୍ଦ ପାଳନ।


କେସିଙ୍ଗା ଆମ୍ବେଡକର ଛକରେ ଗଣଧାରଣା।

# ଭାରତ ବନ୍ଦ ପ୍ରଭାବ, ଜନଜୀବନ ପ୍ରଭାବିତ

**ଭବାନୀପାଟଣା,୨୫।୫(ସ୍ୱ.ପ୍ର.)**

ସମଗ୍ର ଦେଶରେ ରାଷ୍ଟ୍ରୀୟ ପଛୁଆବର୍ଗ (ଓବିସ) ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କଳାହାଣ୍ଡି ଜିଲାରେ ମଧ ଦେଖିବାକୁ ମିଳିଥିଲା। ଓବିସିମାନଙ୍କ ଜନଗଣନା, ଇଭିଏମ୍ ପ୍ରସଙ୍ଗ ଓ ଏମ୍‌ଏସ୍‌ପିର ଗ୍ୟାରେଣ୍ଟି ଆଇନ ଆଦି ଦାବି ନେଇ ଜିଲାର ସଦର ମହକୁମା ଭବାନୀପାଟଣା, ଜୁନାଗଡ ସମେତ ବିଭିନ୍ନ ସ୍ଥାନରେ ସକାଳ ୬ଟାରୁ ମଧାହ୍ନ ୧୨ଟା ଯାଏଁ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରା ଯୋଗୁ ଜିଲାରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ଜିଲାର ବିଭିନ୍ନ ସହରର ପ୍ରମୁଖ ଛକରେ ଆନ୍ଦୋଳନ କାରୀମାନେ ପିକେଟିଂ କରି ରାସ୍ତାରୋକୋ କରିଥିଲେ। ବନ୍ଦକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ ସମର୍ଥନ କରାଯାଇଥିଲା। ଜୁନାଗଡରେ ରାଷ୍ଟ୍ରୀୟ ଓବିସି ମୋର୍ଚ୍ଚାର ଜିଲା ସଭାପତି ଆଦିତ୍ୟ ହଂସ ଯାଦବ, ଅଲଓଡିଶା ସିଡ୍ୟୁଲ କାଷ୍ଟ ସାଧାରଣ ସମ୍ପାଦକ ଜତିନ୍ଦ୍ର କର ପ୍ରମୁଖ ନେତୃତ୍ୱ ନେଇଥିଲେ। **କେସିଙ୍ଗା,(ଡି.ଏନ.ଏ.):** ସେହିପରି କେସିଙ୍ଗା ସହର ଆମ୍ବେଡକର ଛକଠାରେ ପଛୁଆବର୍ଗ ମୋର୍ଚ୍ଚା କର୍ମକର୍ତ୍ତା, ସଦସ୍ୟ ଏବଂ ସେଡ୍ୟୁଲ କାଷ୍ଟ ଫେଡରେଶନ କର୍ମକର୍ତ୍ତା ଜାତୀୟ ରାଜପଥ ୨୬କୁ ସକାଳ ୬ଟାରୁ ଅବରୋଧ କରିଥିଲେ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶହ ଶହ ଯାତ୍ରୀବାହୀ ବସ୍ ଓ ଯାନବାହନ ରାସ୍ତାର ଦୁଇ କଡରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। କେବଳ ଅତିଆବଶ୍ୟକ ବସ୍ତୁ ଥିବା ଗାଡି, ଆମ୍ବୁଲାନ୍ସ ଏବଂ ସ୍କୁଲ ବସକୁ ଛଡ଼ାଯାଇଥିଲା। ଭାରତ ସରକାର ଜାଣିଶୁଣି ପଛୁଆ ବର୍ଗ, ଆଦିବାସୀ ଓ ଦଳିତ ବର୍ଗଙ୍କୁ ସମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖୁଛନ୍ତି ବୋଲି ଆବାହକ ତଥା ରାଷ୍ଟ୍ରୀୟ କିଷାନ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଲବ କରୁଆ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ନାଗ, ଗୀତରାଣୀ ନାଏକ, କମଳା ମାଝି, ଗୀତା ମାଝି, ମିନା ସାହି, ପ୍ରତିମା ଶିଖା, ସୁଶୀଳା ମାଝି, ଲିଙ୍ଗରାଜ ତାଣ୍ଡି ପ୍ରମୁଖଙ୍କ ସହ ବହୁ ମାତ୍ରାରେ ପଛୁଆବର୍ଗ, ସେଡ୍ୟୁଲ କାଷ୍ଟ ଫେଡରେଶନ, ଦଳିତବର୍ଗ ଓ ଆଦିବାସୀ ସଙ୍ଗଠନ କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେସିଙ୍ଗା ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଖୋଦ ଏସ୍‌ଡିପିଓ ଅଭିନବ ସୋନକର ଓ ଆଇଆଇସି ସତ୍ୟ କୁମାର ନନ୍ଦ ତଦାରଖ କରିଥିଲେ। **କୋକସରା,(ଡି.ଏନ.ଏ.):** ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଜିଲା ସଦସ୍ୟ କ୍ଷିରସିନ୍ଧୁ ବୋଡକିଆଙ୍କ ନେତୃତ୍ୱରେ ୨୬ ନଂ. ଜାତୀୟ ରାଜପଥର କୋକସରା ବସଷ୍ଟାଣ୍ଡ ନିକଟରେ ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି। ବନ୍ଦ ପାଳନରେ ଭାରତ ମୁକ୍ତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଜାଲ, ପଣ୍ଡରା ମାଳି ସମାଜ ବ୍ଲକ ସଭାପତି ବିଦ୍ଧୁ ନାଏକ, ଦଣ୍ଡପାଟ ଆଞ୍ଚଳିକ ସଭାପତି ଅମନ ରଣା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଉପେନ୍ଦ୍ର ଶବର, ଭିମ ଆର୍ମୀ ନବରଙ୍ଗପୁର ଜୋନ ପ୍ରଭାରୀ ବଳଦେବ ଜାଲ, ପ୍ରଧାନୀ ବାଗ, ସିଡ୍ୟୁଲକାଷ୍ଟ ଫେଡରେଶନ ଧବଳେଶ୍ୱର ନାଗ, ଈଶ୍ୱର ବଚ୍ଛା, ଟଙ୍କଧର ନାଏକଙ୍କ ସମେତ ବିଭିନ୍ନ ସଙ୍ଗଠନ ସଦସ୍ୟ ଯୋଗଦେଇଥିଲେ।

### କଳାହାଣ୍ଡି ଜିଲା

## ଗଞ୍ଜେଇ ସହ ବୋଲେରୋ ଜବତ: ୨ ଗିରଫ

**କେସିଙ୍ଗା,୨୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଆଦର୍ଶ ଥାନା ସମ୍ମୁଖରେ ଗଞ୍ଜେଇ ସହ ଏକ ବୋଲେରୋ ବୁଧବାର ସନ୍ଧ୍ୟାରେ ଜବତ କରାଯାଇଛି। ଚୋରା ଚାଲାଣ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ମଧ୍ୟପ୍ରଦେଶର କୋତମା ଗ୍ରାମର ଅତୁଳ କୁମାର ସୋନି (୨୯) ଓ ୟୁପିର ମଝାଉଁଳି ଗ୍ରାମର ସତ୍ୟମ ଦ୍ୱିବେଦୀ (୨୧)। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଏସ.କେ. ନନ୍ଦ ପ୍ରକାଶ କରିଛନ୍ତି। ଏକ ବୋଲେରୋ (ନ.ଜେ.ଏଚ.୦୪ସି–୮୨୭୦) ଯୋଗେ ୬୨.୭୦୦ ଚୋରାରେ ଗଞ୍ଜେଇ ବୋଝେଇ କରି ସେମିଲିଗୁଡାଠାରୁ ବିଳାଶପୁର ଅଭିମୁଖେ ଯାଉଥିଲା। କେସିଙ୍ଗା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ସମ୍ମୁଖରେ ସନ୍ଧ୍ୟା ସାଢ଼େ ୫ଟାରେ ଗାଡ଼ି ଅଟକ ରଖି ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲା। କେସିଙ୍ଗା ଅତିରିକ୍ତ ତହସିଲଦାର ରୁଦ୍ର ମୋହନ ନାୟକଙ୍କ ଉପସ୍ଥିତରେ ଗଞ୍ଜେଇ ବୋଲେରୋ ଗାଡିରୁ ବାହାର କରାଯାଇଥିଲା। କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୧୧/୨୨) ରୁଜୁ କରାଯାଇଛି।

# ବନ୍ୟଜନ୍ତୁ ଗାଁମୁହାଁ, ଲୋକେ ଆତଙ୍କିତ

**ନୂଆପଡ଼ା ଅଫିସ,୨୫।୫**

- ସନ୍ଧ୍ୟା ହେଲେ ଟାଟିକବାଟ ବନ୍ଦ
- ଜିଲାରେ ୨୦ରୁ ଊର୍ଦ୍ଧ୍ୱ ଭାଲୁ ଆକ୍ରମଣର ଶିକାର

ନୂଆପଡା ଜିଲା ପାହାଡତଳି ଗାଁଗୁଡ଼ିକରେ ଏବେ ବନ୍ୟଜନ୍ତୁ ଆତଙ୍କ ଦେଖାଦେଇଛି। ଫଳରେ ସନ୍ଧ୍ୟା ହେଲେ ଲୋକେ ଟାଟି କବାଟ ବନ୍ଦ କରି ରହୁଛନ୍ତି। ପାହାଡ, ଜଙ୍ଗଲରେ ଲୋକେ ନିଆଁ ଲଗାଇ ଦେଉଥିବାରୁ ଭୟରେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଅନୁମାନ କରାଯାଉଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜୀବଜନ୍ତୁମାନେ ତ୍ରାହି ତ୍ରାହି ଡାକୁଛନ୍ତି। ଚଳିତବର୍ଷ ମରୁଡି ପରିସ୍ଥିତି ଯୋଗୁ ବନ୍ଧ, ମୁଡା କିମ୍ବା ନଈ, ନାଳ, ଚହଲା ଇତ୍ୟାଦିରେ ପାଣି ଭର୍ତ୍ତି ହୋଇନାହିଁ। ପାଣି ପାଇଁ ହେଉ କିମ୍ବା ଖାଦ୍ୟ ଅନ୍ୱେଷଣ ହେଉ ବନ୍ୟଜନ୍ତୁ ଗାଁ ଭିତରକୁ ଚାଲି ଆସୁଛନ୍ତି। ଗାଁକୁ ଚାଲି ଆସିବା ଦ୍ୱାରା ନୀରିହ ଜନ୍ତୁମାନେ ଶିକାରିଙ୍କ ଶିକାର ହେଉଛନ୍ତି। ଅନ୍ୟପକ୍ଷେ ହିସ୍ରଜନ୍ତୁ ଲୋକଙ୍କ ଉପରକୁ ଆକ୍ରମଣ କରୁଛନ୍ତି। ଜିଲାରେ ଅଧିକ କରି ଲୋକେ ଭାଲୁ ଆକ୍ରମଣର ଶିକାର ହେଉଛନ୍ତି। ଚଳିତବର୍ଷ ଜାନୁୟାରୀଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। କଲରାପତରିଆ ବାଘ କୌଣସି ଲୋକ ଉପରେ ଆଘାତ କରି ନ ଥିଲେ ମଧ୍ୟ ଗାଈବାଛୁରି ସବୁ ଖାଇଯାଉଛି। ମାଙ୍କଡମାନେ ଜଙ୍ଗଲରେ ନ ରହି ସହରରେ ବସା ବାନ୍ଧି ରହିଲେଣି। ଛପର ଘରକୁ ଡେଇଁ ନଷ୍ଟ କରୁଥିବା ବେଳେ ଫଳ ବ୍ୟବସାୟୀମାନଙ୍କୁ ନାକେଦମ କରି ସାରିଲେଣି। ଜଙ୍ଗଲ ସୁରକ୍ଷା କିମ୍ବା ଜୀବଜନ୍ତୁମାନଙ୍କ ପାଇଁ ଜଙ୍ଗଲରେ ପାଣିର ବ୍ୟବସ୍ଥା କରା ନ ଗଲେ ପରିସ୍ଥିତି ଆହୁରି ସଙ୍ଗିନ ହେବ। ଜୀବଜନ୍ତୁଙ୍କ ହିତ ପାଇଁ କ୍ରସବନ୍ଧ ତିଆରି କରିବା ପାଇଁ ବନ ବିଭାଗକୁ କୋଟି କୋଟି ଟଙ୍କା ଆସୁଛି। ତାହା ନିର୍ମାଣ ନ ହୋଇ କାଗଜ କଲମରେ ସୀମିତ ରହୁଛି। ପ୍ରତିବର୍ଷ ଜଙ୍ଗଲ, ପାହାଡରେ ବନ ବିଭାଗ ଦ୍ୱାରା ବୃକ୍ଷ ରୋପଣ ହେଉଛି। ହେଲେ ଗଛ ସବୁ କାମକୁ ନୁହେଁ। ଜଙ୍ଗଲରେ ଆମ୍ବ, ପଣସ, ଜାମୁକୋଳି, କୋଳି ଇତ୍ୟାଦି ଭଳି ଫଳ ଗଛ ଲଗାଗଲେ ମଣିଷ ସହିତ ବନ୍ୟ ଜୀବଜନ୍ତୁ ପାଇଁ ମଧ୍ୟ ଉପକାର ହୁଅନ୍ତା। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ହୋଇ ପାରିଲାନାହିଁ। ବିଭାଗୀୟ ଅଧିକାରୀ ମଣିଷ, ବନ୍ୟ ଜୀବଜନ୍ତୁ ଏ ସମସ୍ତଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁବିଧା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ନକଲି ମଦ, ସାମଗ୍ରୀ ଜବତ: ଜଣେ ଗିରଫ



**ଭବାନୀପାଟଣା,୨୫।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ପଞ୍ଚାୟତ ଅନ୍ତର୍ଗତ ଅମଠାଗୁଡା ଦେଶୀ ମଦ ଭାଟିରେ ବିଦେଶୀ ମଦ କାରବାର ଚାଲିଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଅର୍ତ୍ତକିତ ଚଢାଉ କରାଯାଉଥିଲା। ସେଠାରୁ ଏକ ଭୁଷା (ଚଷୁ) ଗଦାରୁ ୮.୯୧୦ଲିଟର ନକଲି ବିଦେଶୀ ମଦ, ୬୦ ଲିଟର ବିଅର, ୪୩ ନକଲି କର୍କ, ୪୧ଟି ମଦ ବୋତଲ ଠିପି, ୨୧୬ଟି ନକଲି ଇଏଲ, ୧୯ଲିଟର ଓଏସ୍, ୨ଟି ରିଲ ପଲିଥିନ, ୮.୪ ଲିଟର କୁଇଣ୍ଟାଲ ଗୁଡ ଜବତ କରାଯାଇଛି। ଏହି ଘଟଣାରେ ଭାଟି ପରିଚାଳକ ଭଗବାନ ପ୍ରସାଦ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜିଲା ଅତିରିକ୍ତ ଅବକାରୀ ଅଧିକ୍ଷକ ଲଳିତ ମୋହନ ମିଶ୍ରଙ୍କ ନେତୃତ୍ୱରେ ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ତିଳକରାମ ନାଏକ, ତିଲରାମ ନାଏକ, ଭାନୁଚନ୍ଦ୍ର ମାଝି, ଦୁଲେଶ୍ୱର ପ୍ରଧାନ, ସୀମାଞ୍ଚଳ ମାଝି, ପ୍ରଦ୍ୟୁମ୍ନ ନାଏକ, ମେଘନାଦ ବେହେରା, ବାଞ୍ଛାନିଧି ନାଏକ ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ପ୍ରତିନିଧିଙ୍କ ବୈଠକ

**ଭବାନୀପାଟଣା,୨୫।୫(ସ୍ୱ.ପ୍ର.)**

### ଅଣଖବରଦାତା ଯୋଗୁ କାର୍ଯ୍ୟରତ ଖବରଦାତା ଅଣନିଃଶ୍ୱାସୀ

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଭାଗିରଥି ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ପ୍ରିଣ୍ଟ ଓ ଇଲୋକଟ୍ରୋନିକ ମିଡିଆର ଜିଲା ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ଜିଲାସ୍ତରରେ ସମସ୍ତ କାର୍ଯ୍ୟରତ ଖବରଦାତାମାନଙ୍କୁ ଚିହ୍ନଟ ପ୍ରକ୍ରିୟା କରିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ପ୍ରାୟ ସମୟରେ ଖବରଦାତାମାନେ ବିଭିନ୍ନ ସରକାରୀ ଅଫିସରେ ଅଧିକାରୀମାନଙ୍କଠାରୁ ତଥ୍ୟ ପାଇବାରେ ଅମଙ୍ଗ ହେଉଥିବାବେଳେ ଏହି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୈଠକରେ ଜିଲାପାଳଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲାପ୍ରତିନିଧିମାନଙ୍କୁ ଜିଲା ପ୍ରଶାସନ ସସମ୍ମାନ ବାତାବରଣ ସୃଷ୍ଟି କରି ସମସ୍ତ କାର୍ଯ୍ୟରେ ସହଯୋଗ କରିବା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା। ଅଣସାମ୍ବାଦିକ ଯୋଗୁ କାର୍ଯ୍ୟରତ ସାମ୍ବାଦିକମାନେ ଅଣନିଃଶ୍ୱାସୀ ହେଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବରିଷ୍ଠ ଖବରଦାତା ସାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା, ବରିଷ୍ଠ ଖବରଦାତା ଉମାଶଙ୍କର କର, କମ୍ବୁପାଣି ମିଶ୍ର, ଦେବେନ୍ଦ୍ର ବିଶି, ସ୍ୱାଧୀନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଅଂଶୁମାନ ପାତ୍ର, ରାଜକୁମାର ସିଂଦେଓ, ସନ୍ତୋଷ କୁମାର ସିଂଦେଓ, ଉତ୍ତମ କୁମାର ଦାଶ, ସ୍ନିଗଧାରାଣୀ ସିଂହ, ଯଶୋବନ୍ତ ଧଙ୍ଗଡାମାଝି, ସୁନୀଲ କୁମାର ପାଢ଼ି, ବିକାଶ ଖେମକା, ଅଞ୍ଜନ ରଥ, ଶିବାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଖବରଦାତା ମନମୋହନ ପ୍ରଧାନ ସଂଯୋଜନା କରିଥିବା ବେଳେ ଚିତ୍ତରଞ୍ଜନ ବିଶି ଧନ୍ୟବାଦ ଦେଇଥିଲେ।


ବୈଠକରେ ସାମିଲ ହୋଇଥିବା ଜିଲାସ୍ତରୀୟ ପ୍ରତିନିଧି।

# ମୁକ୍ତା ଯୋଜନାରେ ବର୍ଷାଜଳ ସଞ୍ଚୟ କର

**କେସିଙ୍ଗା,୨୫।୫(ଡି.ଏନ.ଏ.)**

### କେସିଙ୍ଗା ଏନ୍‌ଏସିକୁ ଜିଲାପାଳଙ୍କ ନିର୍ଦ୍ଦେଶ

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ଦ୍ୱାରା ବର୍ଷାଜଳ ଅମଳ ପ୍ରକଳ୍ପ ଯୋଜନା କାର୍ଯ୍ୟ କରିବାକୁ ଜିଲାପାଳ ଡ. ଗାଭଲି ପରାଗ ହର୍ଷଦ କେସିଙ୍ଗା ଏନ୍‌ଏସିକୁ ନିର୍ଦ୍ଦେଶ ଦେଇଛନ୍ତି। କେସିଙ୍ଗା ଏନ୍‌ଏସିର ୧୨ଟି ୱାର୍ଡ଼ରେ ୧୦୦ଟି ସୋ ପିଟ୍ ନିର୍ମାଣ କରିବା ପାଇଁ ସହରର ୩୧ଟି ମିଶନ ଶକ୍ତିକୁ ଆଦେଶନାମ ପ୍ରଦାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ସମ୍ପ୍ରତି ଭୂପୃଷ୍ଠକୁରୁ ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ବର୍ଷା ଜଳକୁ ବର୍ତ୍ତମାନଠାରୁ ସଞ୍ଚୟ କାରିବା ପାଇଁ ମୁକ୍ତା ଯୋଜନାରେ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି। ଭବିଷ୍ୟତରେ ଜଳକଷ୍ଟ ଦୂର କରିବା ପାଇଁ ଆଗାମୀ ପୀଢ଼ି ନିମନ୍ତେ ସମସ୍ତେ ବର୍ଷାଜଳକୁ ସଂରକ୍ଷଣ କରିବାକୁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ସହରର ୧୨ଟି ୱାର୍ଡ଼ରେ ୧୦୦ଟି ସୋ ପିଟ ନିର୍ମାଣ କାର୍ଯ୍ୟ ଆସନ୍ତା ଜୁନ ୧୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ସହର ୧୨ଟି ୱାର୍ଡ଼ରେ ୧୦୦ଟି ବର୍ଷାଜଳ ସଂରକ୍ଷଣ ପାଇଁ ଯୁଦ୍ଧକାଳିନ ଭିତ୍ତି ସୋ ପିଟ୍ ନିର୍ମାଣ କାମ ଚାଲିଛି। ଏଥି ମଧ୍ୟରୁ ୧୦ଟି ସମ୍ପୂର୍ଣ୍ଣ ହୋଇଛି ବୋଲି ଏନ୍‌ଏସିର ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରା ପ୍ରକାଶ କରିଛନ୍ତି। ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ମୁକ୍ତାଟିମ ପ୍ରୋଗ୍ରାମ କୋର୍ଡିନେଟର ଅଭିଜିତ ପଟନାୟକ, କନିଷ୍ଠ ଯନ୍ତ୍ରୀ ମାରାଣ୍ଡି ବାବୁଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଯୋଜନା ନିର୍ମାଣ ପାଇଁ ଗତ ଏପ୍ରିଲରୁ ଆରମ୍ଭ କରାଯାଇଛି। ଆସନ୍ତା ଜୁନ ୧୦ ତାରିଖରେ ୧୦୦ଟି ସୋ ପିଟ୍ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେସିଙ୍ଗା ଏନ୍‌ଏସି ୱାର୍ଡ଼ ନମ୍ବର ୭ରେ ନିର୍ମାଣାଧୀନ ବେଳେ ଜିଲାପାଳ ଓ ପିଡିଡିଆରଡିଏ ସୋମେଶ ଉପାଧ୍ୟାୟ ପରିଦର୍ଶନ କରି ତଦାରଖ କରିଥିଲେ।


ନିର୍ମାଣାଧୀନ ସୋ ପିଟ୍ ଜିଲାପାଳ ଓ ପିଡି ତଦାରଖ କରୁଛନ୍ତି।

# ବେସରକାରୀ ଶିକ୍ଷାନୁଷ୍ଠାନ ବିରୋଧରେ ମାଓବାଦୀ ପୋଷ୍ଟର

**ମ.ରାମପୁର,୨୫।୫(ଡି.ଏନ.ଏ.)**

### ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଅଭିଯୋଗ

କଳାହାଣ୍ଡି ଜିଲ୍ଲା ମ.ରାମପୁର ସହର ସୀମାନ୍ତ ତୁଲୁଙ୍ଗ ଗ୍ରାମ ନିକଟ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଉକ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ବିରୋଧରେ ୩ଥର ମାଓବାଦୀମାନେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି। ଗତ ରବିବାର ଉକ୍ତ ଅନୁଷ୍ଠାନର ୨୦୦ ମିଟର ଦୂର ଏକ ଗଛରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ଗତ ମାସରେ ଉକ୍ତ ଶିକ୍ଷାନୁଷ୍ଠାନର ଅନୈତିକ କାର୍ଯ୍ୟକଳାପକୁ ନେଇ ଭିନ୍ନ ଭିନ୍ନ ଦିନରେ ଦୁଇ ଥର ପୋଷ୍ଟର ଓ ବ୍ୟାନର ଲଗାଯାଇଥିଲା। ଏହାକୁ ନେଇ ଅଭିଭାବକ, ଛାତ୍ରୀଛାତ୍ରୀ ଶିକ୍ଷକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ପୋଲିସ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱନ୍ଦ ଲାଗି ରହିଛି। ଏହା ମାଓବାଦୀଙ୍କ କାର୍ଯ୍ୟକଳାପ ହୋଇ ନ ଥାଇପାରେ ବୋଲି ମ.ରାମପୁର ଥାନା ଆଇଆଇସି ସଚିନ୍ଦ୍ର ପଧାନ କହୁଥିବାବେଳେ ଉକ୍ତ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପତିବାବୁ ଭିନ୍ନ ମତ ଦେଇଛନ୍ତି। ଏ ନେଇ ଗତ ସୋମବାର ଉକ୍ତ ଅନୁଷ୍ଠାନ ଏମ୍‌ଡିଙ୍କ ସହିତ କିଛି କର୍ମଚାରୀଙ୍କୁ ଥାନାରେ ପଚରାଉଚୁରା କରାଯାଇଥିଲା। ଉକ୍ତ ଅନୁଷ୍ଠାନ କିଛି କର୍ମଚାରୀଙ୍କୁ ଛଟେଇ କରାଯାଇଛି କି ନାହିଁ। କୌଣସି କର୍ମଚାରୀ ଅନୁଷ୍ଠାନ ଛାଡି ଚାଲି ଯାଇଛନ୍ତି, କୌଣସି ଛାତ୍ରୀଛାତ୍ରଙ୍କୁ ଅଶୋଭନୀୟ ଆଚରଣ କିମ୍ବା ଦୁର୍ବ୍ୟବହାର କରାଯାଇଛି କି ନାହିଁ। ବିଦ୍ୟାଳୟର ଫିଜ୍ ବ୍ୟବସ୍ଥାକୁ ନେଇ ଦ୍ୱନ୍ଦ ଦେଖାଯାଇଛି କି ବୋଲି ପ୍ରଶ୍ନ ପଚରାଯାଇଥିଲା। ଏହି ସମୟ ମଧ୍ୟରେ ଭବାନୀପାଟଣାର ଦୁଇ ଜଣ ଶିକ୍ଷୟିତ୍ରୀ, ତୁର୍ଲି ଅଞ୍ଚଳର ଜଣେ ସିକ୍ୟୁରିଟି ଗାର୍ଡ, ବାଲିଗୁଡା ଅଞ୍ଚଳର ଜଣେ କର୍ମଚାରୀ ନିଜଆଡୁ ଉକ୍ତ ଅନୁଷ୍ଠାନ ଛାଡ଼ିଥିବା କହିଛନ୍ତି। କିନ୍ତୁ ସେହିମାନଙ୍କ ଦ୍ୱାରା ଏଭଳି କାଣ୍ଡଭିଆଇବା ସନ୍ଦେହ ନୁହଁ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛି। ଗୋଟିଏପଟେ ଉକ୍ତ ଅନୁଷ୍ଠାନର କେହି ଶତ୍ରୁ ନୁହନ୍ତି ବୋଲି ପତିବାବୁ କହୁଥିବାବେଳେ ପୋଲିସ ଦ୍ୱାରା ଉକ୍ତ ଅନୁଷ୍ଠାନର କେହି ଶତ୍ରୁ ଏଭଳି କରୁଥାଇ ପାରେ ବୋଲି ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ଦ୍ୱନ୍ଦ ଲାଗି ରହିଛି। ଉକ୍ତ ଅନୁଷ୍ଠାନ ଆରମ୍ଭ ହେବା ଦିନଠାରୁ କେତେ ଜଣ କର୍ମଚାରୀ ଅନୁଷ୍ଠାନ ପରିତ୍ୟାଗ କରିଛନ୍ତି କେଉଁ ପରିସ୍ଥିତିରେ ସେମାନେ ଅନୁଷ୍ଠାନ ତ୍ୟାଗ କରିଛନ୍ତି ତାହା ତଦନ୍ତ ପରିସର ନିଆଯାଇନାହିଁ। ଏହାବାଦ୍ ଗତ କିଛି ବର୍ଷ ତଳେ ଟଙ୍କା ନ ଦେଲେ ସାର୍ଟିଫିକେଟ ଦିଆଯିବ ନାହିଁ ବୋଲି ଜଣେ ମେଧାବୀ ଛାତ୍ରଙ୍କୁ ନିର୍ଯାତନା ନେଇ ଅଭିଯୋଗ ହୋଇଥିଲା। ଗଣମାଧ୍ୟମରେ ତଥ୍ୟ ପ୍ରକାଶ ପାଇବା ପରେ ପୋଲିସ ଓ ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟା ସମାଧାନ ହୋଇଥିଲା। ଉକ୍ତ ଅନୁଷ୍ଠାନର ସଭା ମୁଖିଆଙ୍କ ଅତୀତର କାର୍ଯ୍ୟକଳାପ ଅସନ୍ତୋଷ ହେତୁ ବିଭିନ୍ନ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଟାଣି ନେଇଛି।


ମାଓବାଦୀ ପୋଷ୍ଟର।

## ଏକଦିବସୀୟ ତାଲିମ ଶିବିର

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମାଲପଡା କୋଶଳ ସ୍କିଲ ଭେନଚରଠାରେ ୱାଇସିଡିଏ ପକ୍ଷରୁ ବିକଳ୍ପ ଶିଶୁ ଥଇଥାନ ବ୍ୟବସ୍ଥାରେ ଥିବା ଅଠର ବର୍ଷରୁ ଉର୍ଦ୍ଧ୍ୱ ଝିଅପୁଅଙ୍କୁ ନେଇ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସୁବ୍ରତା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ସିଡିପିଓ ଲକ୍ଷ୍ମୀ ସିଂ ଯୋଗଦେଇଥିଲେ। ସଂଗଠନ ସଦସ୍ୟ ଅରୁଣ ପଧାନ ତାଲିମ ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ କମିଟି ସଦସ୍ୟା ସୁନିତା ତ୍ରିପାଠୀ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଏବଂ ପିଲାଙ୍କ ଶିକ୍ଷା ପଦ୍ଧତି ବିଷୟରେ ସଚେତନ କରିଥିଲେ । ଶିବିରରେ ୪୭ଜଣ ପ୍ରଶିକ୍ଷଣ ନେଇଥିଲେ ।

## ସଂକ୍ଷେପରେ

### ବେକରେ ରଶିଦେଇ ମହିଳାଙ୍କ ଆତ୍ମହତ୍ୟା

**ଲାଠୋର,୨୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଜଲପାଙ୍କେଲ ଗ୍ରାମର ଜଣେ ବିଧବା ମହିଳା ବେକରେ ରଶିଦେଇ ଆତ୍ମହତ୍ୟା କରଛନ୍ତି। ସେ ହେଲେ ଛୁଆନନୀ ପଣ୍ଡା(୩୫)। ସେ ଏକ ମାତ୍ର ପୁଅ ସଞ୍ଜୟ ସହ ଘରେ ରହୁଥିଲେ।ମାନସିକ ବିକାରଗ୍ରସ୍ତ ଏହି ମହିଳା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ କାମ କରୁଥିଲେ। ଯାହା ପାଉଥିଲେ ମା ପୁଅ ଚଳୁଥିଲେ। ଏକ ସପ୍ତାହ ହେବ ଛୁଆନାନୀଙ୍କ ମାନସିକ ଅବସ୍ଥା ପୁଣି ବିଗିଡି ଯାଇଥିଲା। କାହା ସହ କଥାବାର୍ତ୍ତା କରୁ ନଥିଲେ, ଅଙ୍ଗନୱାଡି କେନ୍ଦ୍ରକୁ କାମ କରିବା ପାଇଁ ଯାଉ ନଥିଲେ। ମଙ୍ଗଳବାର ରାତିରେ ଖାଇ ଶୋଇଥିଲେ। ହେଲେ ବୁଧବାର ସକାଳେ କବାଟ ଖୋଲି ନଥିଲେ। ଶ୍ୱଶୁର ଚୟନୁ ପଣ୍ଡାଙ୍କଠାରୁ ଖବର ପାଇ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲିଥିଲା। ଛୁଆନନୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଜଣାପଡିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ହସ୍ପିଟାଲପଠାଇ ଥିଲା। ଏ ନେଇ ଥାନାରେ ଏକ ମାମଲା(୧/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

### ଉଠା ଫଳ ଦୋକାନୀଙ୍କ ଆତ୍ମୀୟତାରେ ବନ୍ଧା ବୁଲାଗୋରୁ



ଫଳ ଦୋକାନୀ ଜୟନ୍ତ ପଧାନ ବୁଲା ଗୋରୁକୁ ଫଳ ଖୁଆଉଛନ୍ତି।

**ବଲାଙ୍ଗୀର ଅଫିସ, ୨୫।୫:** ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡଠାରେ ଉଠା ଫଳଦୋକାନ କରିଥିବା ଜୟନ୍ତ ପଧାନଙ୍କ ବୁଲା ଗୋରୁ ପ୍ରୀତି ଚର୍ଚ୍ଚାର ବିଷୟ ହୋଇଛି। ସହର ଭିତର ରାସ୍ତାରେ ବୁଲୁଥିବା ଗୋରୁ ବସ୍‌ଷ୍ଟାଣ୍ଡ ସମ୍ମୁଖ ଜୟନ୍ତ ପଧାନଙ୍କ ଉଠା ଫଳ ଦୋକାନ ସମ୍ମୁଖରେ ଭିଡ ଜମାଇଥାଆନ୍ତି। ପ୍ରତିଦିନ ସକାଳୁ ଗୋରୁମାନେ ଫଳ ଖାଇବାକୁ ଅପେକ୍ଷାରତ ଥାନ୍ତି। ବସଯାତ୍ରୀଙ୍କୁ ଫଳ ବିକ୍ରି କରିବା ଭିତରେ ସାମାନ୍ୟ ସମୟ ମିଳିଲେ ଗୋଟି ଗୋଟି କରି ଗୋରୁଙ୍କ ନାଁ ଧରି ଜୟନ୍ତ ଡାକନ୍ତି । ଜୟନ୍ତ ଗାଈଙ୍କ ସୁନ୍ଦର ନାମକରଣ କରିଛନ୍ତି। ସୁନ୍ଦରୀ, ଲେଡ୍‌କେଟି, ପୁଟ୍‌କି, ବୁଢ଼ା, କାଲିବିଲେଇ ଏଭଳି ଅନେକ କିଛି। ଯାହାକୁ ଡାକନ୍ତି ସେହି ଗୋରୁ ତାଙ୍କ ଠେଲା ପାଖକୁ ଆସି କିଛି ଫଳ ଖାଇବା ପରେ ଚାଲିଯାନ୍ତି। ପେଟ ପାଇଁ ଉଠା ଦୋକାନ କରିଥିବା ବରପାଲିପଡା ନିବାସୀ ଜୟନ୍ତ ନିଜ ଜୀବନ ସଂଘର୍ଷ ଭିତରେ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପାଳନ କରନ୍ତି। ହେଲେ ତାଙ୍କ ଭିତରେ ସହଜାତ ସ୍ୱଭାବ ପଶୁପ୍ରେମ ବି ଜଳଜଳ ଦେଖାଯାଏ। ।

# ନଦୀରେ ଚୁଆଖୋଳି ପାଣି ସଂଗ୍ରହ



ସୁକତେଲ ନଦୀରେ ଖୋଳା ଯାଇଥିବା ଚୁଆରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି।

**ପାଟଣାଗଡ, ୨୫।୫(ଡି.ଏନ.ଏ.)**

- ପାଣି ପାଇଁ ଡହଳବିକଳ ବାଗବାହାଲି ଗ୍ରାମବାସୀ
- ସଚଳ ଏକମାତ୍ର ନଳକୂପ ପାଖରେ ଲମ୍ବାଲାଇନ
- ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆହୋଇଛି: ନିର୍ବାହୀ ଯନ୍ତ୍ରୀ, ଆଡବ୍ଲ୍ୟୁଏସ୍‌ଏସ୍
- ଗୁରୁବାରଠାରୁ ଗାଁକୁ ଟ୍ୟାଙ୍କର ଜଳଯୋଗଣ: ଉପଜିଲାପାଳ

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ତମିଆଁ ପଞ୍ଚାୟତର ବାଗବାହାଲି ଗାଁ। ଏକ ୱାର୍ଡ ବିଶିଷ୍ଟ ଏହି ଆଦିବାସୀ ବହୁଳ ଗାଁରେ ଦୀର୍ଘବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ହେଲେ ଚଳିତ ବର୍ଷ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। କୂଅ, ପୋଖରୀ ସବୁ ଶୁଖିଲା ପଡିଛି। ଗାଁରେ ଥିବା ୪ ନଳକୂପରୁ ୩ଟି ଅଚଳ। ଯେଉଁ ଗୋଟିଏ ସଚଳ ଅଛି ସେଥିରୁ ପାଣି ନେବା ପାଇଁ ଲମ୍ବାଧାଡି ଲାଗୁଛି। ବହୁ ସମୟରେ ସେଥିପାଇଁ କଳିକଜିଆ ହେଉଛି। ଏହି ପରିସ୍ଥିତିରେ ୪୫୦ରୁ ଉର୍ଦ୍ଧ୍ୱ ଲୋକେ ଏବେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗାଁର ଅନତି ଦୂରରେ ଥିବା ସୁକତେଲ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରି ଜଳକଷ୍ଟ ମେଣ୍ଟାଉଛନ୍ତି।

ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଜଳସ୍ରୋତ ହ୍ରାସ ପାଇ ଜଳଉତ୍ସ ସବୁ ଶୁଷ୍କପ୍ରାୟ ହୋଇପଡିଛି। ସ୍ନାନଶୌଚଠାରୁ ଆରମ୍ଭ କରି ପାନୀୟ ପର୍ଯ୍ୟନ୍ତ ପାଣି ପାଇଁ ଲୋକେ ହଟହଟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ଗାଁ ନିକଟରେ ପ୍ରବାହିତ ସୁକତେଲ ନଦୀ ବି ଶୁଖିଲା ପଡିଛି। ନଦୀଶଯ୍ୟାରେ ଚୂଆମାନ ଖୋଳି ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସନ୍ତୁଳିତ ଗ୍ରାମବାସୀ ଜଳାଭାବ ଯୋଗୁ ଝାଡାବାନ୍ତିରେ ପଡୁଥିବା କହିଛନ୍ତି। ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଉପଜିଲାପାଳ ବିଜୟ ସେଠୀଙ୍କୁ ପଚାରିବାରୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଡିଓଙ୍କୁ ରିପୋର୍ଟ ମାଗିଛି। ଆଶୁ ସମାଧାନ ସ୍ୱରୂପ ଗୁରୁବାରଠାରୁ ଗାଁକୁ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରାଯିବ ବୋଲି କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଗନ କୁମାର କିଶାନଙ୍କୁ ପଚାରିବାରୁ ବାଗବାହାଲରେ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆ ଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

### ସେମାନେ ଯାହା କହନ୍ତି...



"ବର୍ଷବର୍ଷ ଧରି ଜଳକଷ୍ଟରେ ରହିଛୁ। ହେଲେ ଚଳିତ ବର୍ଷ ପରି ଜଳକଷ୍ଟ ଆମେ କେବେ ସମ୍ମୁଖୀନ ହୋଇ ନ ଥିଲୁ। ସୁକତେଲ ନଦୀରେ ଗାତଖୋଲି ଟିଣ ବସାଇ ପାଣି ସଂଗ୍ରହ କରୁଛୁ। ପଞ୍ଚାୟତ ତରଫରୁ ଟ୍ୟାଙ୍କର ଜଳଯୋଗାଣ କରାଯାଉ ନାହିଁ। ଏପରିକି ଜଳଛତ୍ର ବି ଖୋଲିନାହିଁ। ପାଣି ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆନ୍ଦୋଳନ ପାଇଁ ବାଧ ହେବୁ।

-ଶେଷ ଭୁଏ



"ପାଣି ପାଇଁ ରାତି ୩ଟାରୁ ଉଠି ନଳକୂପ ପାଖରେ ଲମ୍ବାଧାଡି ଲଗାଇବାକୁ ପଡୁଛି। ସେଥିପାଇଁ ଅନେକ ସମୟରେ ଝଗଡା ମଧ ହେଉଛି। ନଦୀଶଯ୍ୟାରେ ଚୂଆ ଖୋଳି ପାଣି ସଂଗ୍ରହ କରିବାକୁ ପଡୁଛି। ଛୋଟ ପିଲାମାନେ ଝାଡାବାନ୍ତିର ଶିକାର ହେଉଛନ୍ତି। ପାଣି ପାଇଁ ଗୃହପାଳିତ ପଶୁପକ୍ଷୀ ବିପଦରେ ପଡିଛନ୍ତି। ସ୍ନାନଶୌଚ ପାଇଁ ବହୁତ ଅସୁବିଧା ଭୋଗୁଛୁ। ଆମ କଥା ଶୁଣିବାକୁ କେହି ନାହାଁ।

-ଶୋଭା ଭୁଏ



"ଦୁଇଦଶନ୍ଧି ଧରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏନେଇ ବିଧାୟକ, ଏମ୍‌ପିଙ୍କଠାରୁ ପ୍ରଶାସନିକ ଅଧିକାରୀଙ୍କ ଯାଏ ଜଣାଇ ଥିଲେ ବି କୌଣସି ସୁଫଳ ମିଳୁନାହିଁ। ଟ୍ୟାଙ୍କର ଜଳଯୋଗାଣ ଦିଗରେ ପଦକ୍ଷେପ ନିଆଯାଉନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ଉପଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିବୁ।

-ମୋହନ ଭୁଏ ୱାର୍ଡସଭ୍ୟ



"ବାଗବାହାଲି ଗାଁରେ ଜଳ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଅନୁଦାନ ଆସିଲେ ଖୁବଶୀଘ୍ର ଜଳ ପ୍ରକଳ୍ପ କରି ଉକ୍ତ ଗାଁରେ ପାଇପ ପାଣି ଯୋଗାଣର ବ୍ୟବସ୍ଥା କରାଯିବ। ପଞ୍ଚାୟତରେ ଆବଶ୍ୟକ ପାଣ୍ଠି ନ ଥିବାରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରିବା ସମ୍ଭବ ହେଉନାହିଁ। ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଲେ ସମ୍ପୃକ୍ତ ଗାଁକୁ ଜଳଯୋଗାଣ କରାଯିବ।

-ତାହିରା ବିବି, ସରପଞ୍ଚ

### ସଂରକ୍ଷିତ ପଥରଗଡ଼ ଡ୍ୟାମ୍‌ର ଉନ୍ନତୀକରଣ ଦାବି

**ଲୋଇସିଂହା,୨୫।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ସଂରକ୍ଷିତ ପଥରଗଡ ଡ୍ୟାମ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇ ପଡିଛି । ଡ୍ୟାମର ଉନ୍ନତୀକରଣ କରି ଚାଷ ଜମିକୁ ଜଳସେଚନ, ଡିୟର ପାର୍କ ଓ ପିକ୍‌ନିକ୍ ସ୍ପଟ୍ କରିବାକୁ ଲୋଇସିଂହା ସିନିୟର ସିଟିଜନ ଆସେମ୍ବ୍ଲି ପକ୍ଷରୁ ବଲାଙ୍ଗୀର ଡିଏଫଓ ନୀତିଶ କୁମାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ଲୋଇସିଂହାର ପଶ୍ଚିମ ଦିଗରେ ଶହେ ଏକର ପରିସୀମା ବିଶିଷ୍ଟ ସଂରକ୍ଷିତ ପଥରଗଡ ଡ୍ୟାମ ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ସିଆଲବାହାଲି, କୁଟେନପାଲି ପଞ୍ଚାୟତ ଦୁମଦୁମି ଏବଂ ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତର ସୀମାନ୍ତରେ ରହିଛି। ଲୋଇସିଂହାଠାରୁ ଡ୍ୟାମର ଦୂରତା ୫ କିମି । କେତେକ ପାହାଡ ଓ ସଂରକ୍ଷିତ ଘଞ୍ଚ ଜଙ୍ଗଲ ଭିତରେ ଏହି ଡ୍ୟାମ ରହିଛି। ଡ୍ୟାମ ଅଞ୍ଚଳରେ ଠେକୁଆ, ହରିଣ, ବାରହା, ମାଙ୍କଡ, କୋକିଶିଆଳି ଆଦି ବନ୍ୟପ୍ରାଣୀ ରହୁଛନ୍ତି। ଏହାବ୍ୟତୀତ ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ହାତୀପଲ ଆସ୍ଥାନ ଜମାଇଥାନ୍ତି। ବହୁବର୍ଷ ପୂର୍ବେ ଡ୍ୟାମ ପୁନରୁଦ୍ଧର କରାଯାଇଥିଲା । ହେଲେ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ହୋଇ ରହିଯାଇଛି । ପୂର୍ବରୁ ଖରିଫ ସମୟରେ ଡ୍ୟାମ ପାଣରେ ଦୁମଦୁମି ଏବଂ ବୁର୍ଡା ଗାଁର ଚାଷକୁ ସୁରକ୍ଷା ଦିଆଯାଉଥିଲା । ଏପରିକି ଦୁମଦୁମି ଗାଁର ଚାଷୀ ରବିଧାନ ଚାଷ କରି ପାରୁଥିଲେ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପଟୁମାଟି ପାଟି ହୋଇ ଡ୍ୟାମର ଜଳ ଧାରଣ କ୍ଷମତା ହ୍ରାସ ପାଇଛି । ଖରାଦିନେ ପାଣି ଶୁଖି ଯାଉଥିବାରୁ ବନ୍ୟଯନ୍ତୁ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଡ୍ୟାମର ମରାମତି, ଉନ୍ନତୀକରଣ, ସାନଟିକା ପଟରୁ ଡ୍ୟାମକୁ ଚାରିଚକିଆ ଯିବାପାଇଁ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ସିନିୟର ସିଟିଜନ ଆସେମ୍ବ୍ଲି ପକ୍ଷରୁ ଦାବି କରାଯାଇଛି ।

## ମାମଲା ରୁଜୁ କରି ପୋଲିସ ଚୁପ୍

**ଲାଠୋର,୨୫।୫(ଡି.ଏନ.ଏ.)**

### ଲାଠୋର ଥାନା ଅଞ୍ଚଳରେ ବଢ଼ି ଚାଲିଛି ଲୁଟ୍‌ପାଟ

ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅଞ୍ଚଳରେ ବଢି ଚାଲିଛି ଲୁଟ୍‌ପାଟ୍। ଦିନଦ୍ୱିପ୍ରହରରେ ଲୁଟେରାମାନେ ମରଣାସ୍ତ୍ର ଦେଖାଇ ପଥାଚାରୀଙ୍କଠାରୁ ବାଇକ, ଟଙ୍କା ଆଦି ଲୁଟି ନେଉଥିଲେ ମଧ୍ୟ ପୋଲିସ ସେମାନଙ୍କ ଟେର ପାଉନାହିଁ। ଗତ ୯ ତାରିଖରେ ମାଲପଡାସ୍ଥିତ ମୁକେଶ ସୁନାଙ୍କ ସମ୍ପର୍କୀୟ ମୁରିବାହାଲ ଥାନା ସିନ୍ଧପାଲି ଗ୍ରାମର ଲିଙ୍ଗରାଜ ସୁନା ବାଇକ ନମ୍ବର ଓଡି-୦୩-ଡି-୨୭୦୬ ଯୋଗେ ମସିଣାରୁ ମାଲପଡା ଫେରୁଥିଲେ। ଫୁଲଝର ବାଏପାସ ରାସ୍ତାରେ ଦୁଇ ଜଣ ଅଚିହ୍ନ ଯୁବକ ପୂର୍ବାହ୍ନ ୧୧ଟାରେ ଭୁଜାଲି ଦେଖାଇ ତାଙ୍କ ବାଇକ ଲୁଟି ନେଇଥିଲେ । ଥାନାରେ ଏକ ମାମଲା(୩୨/୨୨)ରୁଜୁ କରିଥିଲା ପୋଲିସ। ଅଭିଯୁକ୍ତଙ୍କୁ ଧରି ପାରିନି ପୋଲିସ। ସେହିପରି ଗତ ୨୦ତାରିଖରେ ପିପଲବାହାଲର ଡାକେଶ୍ୱର ମେହେର ନିଜଶଳା ତ୍ରିଲୋଚନ ମେହେରଙ୍କ ସହ ବାଇକ ନଂ ଓଡି-୦୩-ୟୁ-୮୫୭୪ ଯୋଗେ ଲାଛନଦୀ କୂଳକୁ ଶୌଚ ପାଇଁ ସନ୍ଧ୍ୟାରେ ଯାଇଥିବା ବେଳେ ଦୁଇଟି ବାଇକରେ ୪ ଜଣ ମୁଖାପିନ୍ଧା ଅଚିହ୍ନା ଯୁବକ ବାଟ ଓଗାଳିଥିଲେ। ଡାକେଶ୍ୱର ଏବଂ ତ୍ରିଲୋଚନଙ୍କ ମୁଣ୍ଡ ଉପରେ ପିସ୍ତଲ ରଖି ଭୟଭୀତ କରି ମୋବାଇଲ ଓ ବାଇକ ଲୁଟି ମୁଖ୍ୟ ରାସ୍ତାରେ ତୁରକେଲା ପଟକୁ ଚାଲି ଯାଇଥିଲେ। ଅଭିଯୋଗ ପରେ ଲାଠୋର ଥାନାରେ ଏକ ମାମଲା(୩୫/୨୨)ରୁଜୁ ହୋଇଛି। ହେଲେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନାହିଁ। ଲାଠୋର ଆଇଆଇସି ଧର୍ମେନ୍ଦ୍ର ଶାନ୍ତିଙ୍କୁ ପଚାରିବାରୁ ଲୁଟେରାମାନେ ଅନ୍ୟ ଜିଲ୍ଲାରୁ ଆସି ଏଠାରେ ଲୁଟ୍‌ପାଟ୍ କରୁଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରିବୁ ବୋଲି କହିଥିଲେ।

## ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ସଇଁତଳା, ୨୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବେଲଗାଁ କଲ୍ୟାଣ ମଣ୍ଡପଠାରେ ଆଇଏଚଇସି ଓ ବାବୁଧାମ ଟ୍ରଷ୍ଟ ତରଫରୁ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବୁଧାମ ଟ୍ରଷ୍ଟର ରାଜ୍ୟ ସଂଯୋଜକ ତଥା ଆଇଏଚଇସି ଭୁବନେଶ୍ୱର ଷ୍ଟେଟ କୋଅର୍ଡିନେଟର ଜୟଦେବ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମ୍ୟାନେଜର ଦୁର୍ଗାପ୍ରସାଦ ତ୍ରିପାଠୀ ଓ ଭବାନୀପାଟଣା ଜିଲା ସଂଯୋଜକ ରହିମ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ କଳ୍ପନା କୁମାରୀ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୪ ବ୍ଲକର କୋଅର୍ଡ଼ିନେଟର, ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ମିତ୍ରମାନେ ଉପସ୍ଥିତ ଥିଲେ। ଜିଲାର ମା, ଭଉଣୀମାନେ କିଭଳି ସ୍ୱାବଲମ୍ବୀ ହୋଇ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ସମାଧାନ କରାଯାଇପାରିବ ତାହା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ତରଫରୁ ପ୍ରତି ପଞ୍ଚାୟତରେ ଛୋଟ ଶିଶୁ ଓ ନିରକ୍ଷର ବ୍ୟକ୍ତିଙ୍କୁ ପାଠ ପଢ଼ାଇବା ତଥା ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଜଣେ ମହିଳା ମିତ୍ର ନିଯୁକ୍ତି କରାଯାଉଥିବା କୁହାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରବୀଣ ନାଗ, ସୁଦାମ ନାଗ, ଅଲିମ ବାଗ, ପ୍ରମୋଦିନି ହରପାଲ, ମଳୟ ପ୍ରସାଦ ନାଗ, ସୁକନ୍ୟା ରାଜହଂସ, ଗୋବିନ୍ଦ ବିଭାର, ପୁଷ୍ପାଞ୍ଜଳି ସୁନା ପ୍ରମୁଖ ସହଯୋଗ କରିଥିଲେ।

## ହରିଶଙ୍କର ମେଳା ସ୍ଥଳ ସଫେଇ

### ସାମିଲ ହେଲେ ପ୍ରଶାସନିକ ଅଧିକାରୀ, ମନ୍ଦିର କମିଟି

**ଖପ୍ରାଖୋଲ,୨୫।୫(ଡି.ଏନ.ଏ.)**



ହରିଶଙ୍କର ମେଳା ପରିସର ସଫେଇ କରାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଗତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପରେ ଅଳିଆ ଆବର୍ଜନାରେ ଭରି ଯାଇଛି। ହରିଶଙ୍କର ଦୋକାନ ପାଖ, ପ୍ରଦର୍ଶନୀ ପଡିଆ, ରାସ୍ତାକଡରେ କୁଢକୁଢ ମଇଳା, ପାଲିଥିନ, ବର୍ଯ୍ୟବସ୍ତୁ ପଡି ରହିଥିଲା । ପାଟଣାଗଡ ଉପଜିଲାପାଳ ଡା.ବିଜୟାନନ୍ଦ ସେଠୀଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଆସିଷ୍ଟାଣ୍ଡ ସବକଲେକ୍ଟର କ୍ଷୀରୋଦ ଚନ୍ଦ୍ର ସାହୁ, ଦିଲୀପ ବଗର୍ତ୍ତୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ପାଟଣାଗଡ ଏସିଏସଓ ମାୟାଧର ସାହୁ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶି ପୂଝାରୀ, ରୋହିତ ମେହେର, ବିପ୍ର ବିଶି, ଅଭୟ ତ୍ରିପାଠୀ, ପଞ୍ଚୁଦେବ ସାହୁ, ସବ କମିଟି ସଦସ୍ୟ ଶତ୍ରୁଘନ୍ ନାଏକ,ବଳରାମ ବେହେରା, ସୁଶିଲ ଗୁରୁ, କ୍ଷମାନିଧି ଭୋଇ, ପ୍ରବୀଣ ଅଗ୍ରଓାଲ, ଇନ୍ଦ୍ରମଣି ସାହୁ, ବ୍ୟବସାୟୀ ସଂଘ ସଭାପତି ପଞ୍ଚମ ପଧାନ ଏଥିରେ ସାମିଲ ହୋଇଥିଲେ । ପ୍ରାୟ ୧ କିମି ରାସ୍ତାର ଦୁଇ ପାଖ ସଫେଇ କରାଯାଇଥିଲା।

## ୭ଦିନ ଭିତରେ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୨୫।୫**



ବିଧାୟକ ନରସିଂହ ମିଶ୍ର ପାନୀୟ ଜଳ ସମସ୍ୟା ନେଇ ସମୀକ୍ଷା କରୁଛନ୍ତି।

### ପାନୀୟ ଜଳ ସମସ୍ୟା ଉପରେ ସମୀକ୍ଷା କଲେ ବିଧାୟକ

ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଭୂତଳ ଜଳସ୍ତର କମିବା ଫଳରେ ବଲାଙ୍ଗୀର ସହରର ଅନେକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ସମସ୍ୟାକୁ ନେଇ ବୁଧବାର ବଲାଙ୍ଗୀର ସର୍କିଟ ହାଉସଠାରେ ବିଧାୟକ ନରସିଂହ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ସହରରେ ନିର୍ମାଣାଧୀନ ଓଭରହେଡ୍ ଏବଂ ଭୂତଳ ଟ୍ୟାଙ୍କଗୁଡିକର ସ୍ଥିତି ସେ ସମୀକ୍ଷା କରିଥିଲେ। ଓଭରହେଡ ଟ୍ୟାଙ୍କ ଏବଂ ଭୂତଳ ଟ୍ୟାଙ୍କ କାର୍ଯ୍ୟକ୍ଷମ ହେଲା ପରେ କେତେ ପରିମାଣରେ ପିଇବା ପାଣି ସମସ୍ୟା ଦୂର ହୋଇପାରିବ ଏବଂ ସହରକୁ ସମ୍ପୂର୍ଣ୍ଣ ପିଇବା ପାଣି ସମସ୍ୟାରୁ ମୁକ୍ତ କରିବା ପାଇଁ କେଉଁ ପ୍ରକଳ୍ପର ପ୍ରସ୍ତାବ ଯାଇଛି ତା ଉପରେ ଆଲୋଚନା କରିଥିଲେ।

ସହରରେ ଏପରି କିଛି ସ୍ଥାନ ଅଛି ଯେଉଁଠାକୁ ଟ୍ୟାଙ୍କର ଯୋଗେ ପାଣି ଯାଇପାରୁନାହିଁ । ସେହି ସ୍ଥାନମାନଙ୍କରେ ଆଗାମୀ ଦିନରେ ନଳକୂପ ଖନନ ପାଇଁ ବିଧାୟକ ମିଶ୍ର ପାଣ୍ଠି ଯୋଗାଡ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡା କାଳବୈଶାଖୀ ଜନିତ ବିଜୁଳି ବିଭ୍ରାଟ ଯୋଗୁ ପିଇବା ପାଣି ସହରକୁ ଯୋଗାଇବାରେ ସମସ୍ୟା ହେଉଛି ବୋଲି କହିଥିଲେ। ଜନସ୍ୱାସ୍ଥ୍ୟ ଏବଂ ବିଜୁଳି ବିଭାଗ ମିଳିତ ଭାବେ ଏକ ବୈଠକ କରି ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଜୁଳି ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସହରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ପିଇବା ପାଣି, ଶୌଚାଳୟ ସମସ୍ୟା ଉପରେ ଏକ ରିପୋର୍ଟ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଉପସ୍ଥିତ ପିଏଚ୍‌ଡି ସହକାରୀ ଯନ୍ତ୍ରୀ ସୁଶାନ୍ତ ମିଶ୍ରଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସହରରେ ଥିବା ପାଣି ଟାଙ୍କି ସଫେଇ ତଥା ଭାଙ୍ଗି ଯାଇଥିବା ଟାଙ୍କିଗୁଡିକ ଶୀଘ୍ର ପରିବର୍ତ୍ତନ କରିବା ଉପରେ ଆଲୋଚନା ହୋଇଥିଲା। ଜନସାଧାରଣ ପିଇବା ପାଣିକୁ ନେଇ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ଏକ ରିପୋର୍ଟ ୭ଦିନ ଭିତରେ ନିର୍ବାହୀ ଯନ୍ତ୍ରୀ ପ୍ରଦାନ କରନ୍ତୁ। ଏହା ପାଇଲା ପରେ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ସୂଚନା ଦେଇଥିଲେ । ବୈଠକରେ ଜନସ୍ୱାସ୍ଥ୍ୟ ଏସ୍‌ଡିଓ ସୁବ୍ରତ ନାୟକ, କନିଷ୍ଠ ଯନ୍ତ୍ରୀ ରାଜିବ ଲୋଚନ କିସାନ, ପ୍ରକାଶ ଚନ୍ଦ୍ର ବେହେରା, ଅଜୟ କୁମାର ଜେନା ଏବଂ ଜିପିଏଚ୍‌ଡିର ସହକାରୀ ଯନ୍ତ୍ରୀ ସୁଶାନ୍ତ ମିଶ୍ର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଏସ୍‌ପିଙ୍କ ସହ ନବଗଠିତ ସାମ୍ବାଦିକ ସଂଘର ଆଲୋଚନା

**ନୂଆପଡ଼ା ଅଫିସ,୨୫।୫**

ନୂଆପଡା ଜିଲାରେ ନୂତନ ଭାବେ ଗଢିଥିବା ସାମ୍ବାଦିକ ସଙ୍ଗଠନ ନୂଆପଡା ଡିଷ୍ଟ୍ରିକ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ନବନିର୍ବାଚିତ କର୍ମକର୍ତ୍ତାମାନେ ବୁଧବାର ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ସଂଘ ସଭାପତି ସୁଶାନ୍ତ କୁମାର କର, ସମ୍ପାଦକ ସୀମାଞ୍ଚଳ ମହାପାତ୍ର, କୋଷାଧ୍ୟକ୍ଷ ଅଂଶୁମାନ ଅଗସ୍ତି, ଉପସଭାପତି ଦେବଦାସ ପାଢୀ, ରଞ୍ଜିତ ପଣ୍ଡା, ଯୁଜେଷ୍ଟିର ପଟେଲ ପ୍ରମୁଖ ଉପସ୍ଥିତ ରହି ସଂଘର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ କର୍ମକର୍ତ୍ତାଙ୍କ ପରିଚୟ କରାଇଥିଲେ। ଏହି ଅବସରରେ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି, ଖବରଦାତାମାନଙ୍କ କର୍ମକ୍ଷେତ୍ରରେ ସୁରକ୍ଷା ସର୍ବୋପରି ଜିଲା ଭିତରେ ଖବରଦାତା ଓ ପୋଲିସର ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା । ଆରକ୍ଷୀ ଅଧୀକ୍ଷକ ଦିବାକର ଖବରଦାତାମାନଙ୍କୁ ସବୁ ପ୍ରକାର ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇଥିଲେ। ନବଗଠିତ ସଂଘର ସଫଳତା କାମନା କରିବା ସହିତ ଜିଲାର ବିକାଶ ଦିଗରେ କାର୍ଯ୍ୟ କରିବାର ଆଶା ପୋଷଣ କରିଥିଲେ।

## ସପ୍ତାହେ ବିତିଲା, ପଦକ୍ଷେପ ନେଲେନି

**ଲୋଇସିଂହା,୨୫।୫(ଡି.ଏନ.ଏ)**

### ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ଚୟନ ପ୍ରସଙ୍ଗ

- ଉଦ୍‌ବେଗ ପ୍ରକାଶ କଲେ ପୁରାତନ ଛାତ୍ର, ବୁଦ୍ଧିଜୀବୀ

ବଲାଙ୍ଗୀର ଜିଲା ଲୋଇସିଂହା ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ଚୟନକୁ ନେଇ ପୁରାତନ ଛାତ୍ର ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବିବାଦୀୟ ଘଟଣାକୁ ନେଇ ଲୋଇସିଂହା ଷ୍ଟାଡିୟମ ପରିସରରେ ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ନବକିଶୋର ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ବ୍ଲକ ସଭାପତି ରବିନ୍ଦ୍ର ସାହୁ, ସରୋଜ ବିଶ୍ୱାଳ, ଭାଜପା ନେତା ଭୂତନାଥ ନାଏକ, ରଞ୍ଜନ ବେହେରା, କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ସୁବ୍ରତ ନାୟକ, ଅଜିତ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସ୍ଥାନୀୟ ଶିକ୍ଷାବିତ୍‌ଙ୍କୁ ଉପେକ୍ଷା କରି ବାହାର ଅଞ୍ଚଳର ଜଣଙ୍କୁ ପରିଚାଳନା କମିଟି ସଭାପତି ପଦରେ ଅବସ୍ଥାପିତ କରିବାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଲୋଇସିଂହା ଓ ଆଖପାଖ ଅଞ୍ଚଳରେ ବହୁ ଶିକ୍ଷାବିତ୍ ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରି ଉକ୍ତ ପଦବୀରେ ଅବସ୍ଥାପିତ ପାଇଁ ବୁଦ୍ଧିଜୀବୀ ଓ ପୁରାତନ ଛାତ୍ରଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଇତି ମଧ୍ୟରେ ସପ୍ତାହେ ପୂରିବାକୁ ବସିଥିଲେ ସୁଦ୍ଧା ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ଏ ନେଇ ବୈଠକରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । କଲେଜ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ସ୍ଥାଣୁତାକୁ ନେଇ କଲେଜ ଆଗରେ ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିବା ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ସୋନପୁର,(ନି.ପ୍ର.): ସୁବର୍ଣ୍ଣପୁର ଜିଲା ତରଭା ଥାନା ବହିରଖମନ ରାସ୍ତାରେ ବୁଧବାର ସଡକ ଦୁର୍ଘଟଣା ଘଟିଛି । ଏଥିରେ ବାଇକ୍ ଆରୋହୀ ସତ୍ୟ କବାଟ(୪୨)ଙ୍କ ମୃତ୍ୟୁ ଘଟିଛି। ସତ୍ୟଙ୍କ ଘର ବୀରମହାରାଜପୁର ଥାନା ଅମରପାଲି ଅଞ୍ଚଳରେ। ସତ୍ୟ ବାଇକ୍ ନଂ ଓଡିଶା୧-୦୬୭୦ରେ ଯାଉଥିବା ବେଳେ ବହିରଖମନ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇଥିଲେ। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ସତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ମୃତ ଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

### ସଂକ୍ଷେପରେ

## ନଳକୂପ ଅଚଳ: ପାଣି ପାଇଁ ହଟହଟା



ଅତାବିରା,୨୫।୫(ଡି.ଏନ.ଏ): ଦିନକୁ ଦିନ ତାତି ବଢୁଛି। ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଏଭଳି ସ୍ଥିତିରେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଉପରପଡ଼ାରେ ପାନୀୟ ଜଳାଭାବ ଦେଖାଯାଇଛି। ପାନୀୟଜଳ ପାଇଁ ଉକ୍ତ ପଡ଼ାର ୮୦ ପରିବାରକୁ ହଟହଟା ହେବାକୁ ପଡୁଛି। ଗ୍ରାମରେ ରହିଥିବା ନଳକୂପ ଅଚଳ ହୋଇପଡ଼ି ଥିବାଯୋଗୁ ଗ୍ରାମବାସୀଙ୍କ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପଡ଼ାରେ ଏକ ନଳକୂପ ରହିଛି। ଏହି ନଳକୂପ ଉପରେ ପଡ଼ାବାସୀ ନିର୍ଭର କରନ୍ତି। ଗତପ୍ରାୟ ୧୫ଦିନ ହେଲା ନଳକୂପ ଅଚଳ ହୋଇ ପଡ଼ିଛି। ଫଳରେ ପାନୀୟଜଳ ପାଇଁ ପଡ଼ାବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡ଼ାବାସୀଙ୍କୁ ପାନୀୟଜଳ ପାଇଁ ଦୂର ଦୂରାନ୍ତରକୁ ଯିବାକୁ ପଡୁଛି। ଏଣୁ ଅଚଳ ପଡ଼ିଥିବା ନଳକୂପକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ପଡ଼ାବାସୀ ଦାବି କରିଛନ୍ତି ।

## ସରିଲା ଉପନିର୍ବାଚନ ଭୋଟ ପ୍ରଚାର



ବରଗଡ଼ ଅଫିସ୍,୨୫।୫: ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ ପାଇଁ ଶୁକ୍ରବାର ଭୋଟ୍ ଗ୍ରହଣ ହେବ। ଏଥିପାଇଁ ବୁଧବାର ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ନିର୍ବାଚନୀ ମଇଦାନରେ ୨ପ୍ରାର୍ଥୀ ରହିଛନ୍ତି। ଗତ ପଞ୍ଚାୟତ ଭୋଟ୍‌ବେଳେ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଅକାଳ ବିୟୋଗ ହେବାରୁ ଏଠାରେ ସରପଞ୍ଚ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଉପନିର୍ବାଚନକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥିବାବେଳେ ଫଳାଫଳ କାହା ସପକ୍ଷରେ ଯିବ, ଭୋଟ୍ ଗଣତି ପରେ ତାହା ସ୍ପଷ୍ଟ ହେବ।

## ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ନୀତି

ତରଭା,୨୫।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଦୁର୍ଗା, ନବଦୁର୍ଗା, ଦଶ ମହାବିଦ୍ୟା, ଶ୍ରୀ ହନୁମାନ ପ୍ରଭୃତି ଦେବଦେବୀଙ୍କ ମହାସ୍ନାନ କରାଯାଇ ପ୍ରଣାପ୍ରତିଷ୍ଠା ନୀତି ସମ୍ପନ୍ନ ହୋଇଥିଲା । ଏଥିରେ ମୁଖ୍ୟ ପୂଜକ ମହାଦେବ ମିଶ୍ର, ବୈଷ୍ଣବ ଷଡ଼ଙ୍ଗୀ, ବୈରାଗୀ ଆଚାର୍ଯ୍ୟ, ସନ୍ତୋଷ ମହାପାତ୍ର, ସୁରେନ୍ଦ୍ର ପାଣିଗ୍ରାହୀ, ଆଶିଷ ତ୍ରିପାଠୀ, ପ୍ରେମରାଜ ଦାସ, ଅନ୍ତର୍ଯ୍ୟାମୀ ଦାସ, ପବିତ୍ର ଶତପଥୀ ପ୍ରମୁଖ ପୂଜାବିଧି ସମାପନ କରିଥିଲେ । ଏଥିରେ କର୍ତ୍ତା ଭାବେ ସଞ୍ଜୟ୍ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ସାରଦା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦଶ ଯୋଡି କର୍ତ୍ତା ସପତ୍ନୀକ ଉପସ୍ଥିତ ରହିଥିଲେ ।

# ୧ରୁ 'ନୋ ହେଲ୍‌ମେଟ ନୋ ପେଟ୍ରୋଲ' ନିୟମ କଡ଼ାକଡ଼ି

ସୋନପୁର,୨୫।୫(ନି. ପ୍ର.)

ସୁବର୍ଣ୍ଣପୁର ଜିଲାରେ ସଡକ ସୁରକ୍ଷା ଓ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ପ୍ରଶାସନ ଓ ଜିଲା ପେଟ୍ରୋଲ ପମ୍ପ ମାଲିକମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗତ ମଙ୍ଗଳବାର ଅନୁଷ୍ଠିତ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ନିଷ୍ପତ୍ତି ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଜିଲାରେ ଦୁଇଚକିଆ ଯାନ ଚାଳନା ସମୟରେ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସଡକ ସୁରକ୍ଷା ସଚେତନତା ଜରୁରୀ ହୋଇପଡିଛି। ଗାଡି ଚାଳନା ସମୟରେ ହେଲମେଟ ବ୍ୟବହାର, ସିଟ ବେଲ୍ଟ ପରିଧାନ କରିବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଚଳାଇବା, ଉଚିତ୍ ସ୍ଥାନରେ ଗାଡି ପାର୍କିଂ କରିବା,ଗାଡି ଚାଳନା ଲାଇସେନ୍ସ ଓ ଇନସ୍ୟୁରାନସକୁ ନିଶ୍ଚିତ କରିବା ଉପରେ ବିଶେଷ ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲାରେ ନୋ ହେଲମେଟ ନୋ ପେଟ୍ରୋଲକୁ ଗୁରୁତ୍ୱାରୋପ ପୂର୍ବକ ପେଟ୍ରୋଲ ପମ୍ପ ମାଲିକମାନେ ଯତ୍ନବାନ ହେବାକୁ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ । ଆସନ୍ତା ଜୁନ ୧ ତାରିଖରୁ ନୋ ହେଲମେଟ ନୋ ପେଟ୍ରୋଲ ନିୟମକୁ କଡାକଡି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯେଉଁ ପେଟ୍ରୋଲ ପମ୍ପ ମାଲିକ ଏହାର ଖିଲାପ କରିବା ଜଣାପଡିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯିବ। ପୋଲିସ ପ୍ରଶାସନ, ପରିବହନ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀ ନିୟମିତ ବ୍ୟବଧାନରେ ଜିଲାର ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକୁ ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଦୁର୍ଘଟଣାକୁ ରୋକିବା ନିମନ୍ତେ ଆବଶ୍ୟକ ସଚେତନତା ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ଡ଼ିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ପେଟ୍ରୋଲ ମାଲିକ ସଂଘ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ।

ସୋନପୁର,୨୫।୫(ନି.ପ୍ର.)

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଦୁଇଦିନିଆ ଜିଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବୁଧବାର ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଜିଲା କ୍ରୀଡା ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୁଧବାର ଜିଲାର ଉଲୁଣ୍ଡା, ଡୁଙ୍ଗୁରିପାଲି ଓ ବୀରମହାରାଜପୁର ବ୍ଲକର ୧୦ ରୁ ୧୫ ବର୍ଷ ପର୍ଯ୍ୟନ୍ତ ବାଳିକା ବାଳକ ଯୋଗଦାନ କରିଥିଲେ । ପ୍ରଥମ ଦିନରେ ମୋଟ ୧୩୭ ଜଣ କ୍ରୀଡା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଗୁରୁବାର ଅନ୍ୟ ୩ଟି ବ୍ଲକ ଏବଂ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ସହ ବିନିକା ଓ ତରଭା ଏନଏସିର କ୍ରୀଡା ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୱେଷଣ କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ବ୍ୟବସ୍ଥିତ ଓ ସଠିକ ଭାବରେ ପରିଚାଳନା କରିବା ନିମନ୍ତେ ଜିଲାର ୬ଜଣ ପ୍ରତିଭା ସମ୍ପନ୍ନ ଖେଳ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ଜିଲା କ୍ରୀଡା ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି ।

# ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦରେ ରାସ୍ତାରୋକୋ

### ଦୁଇ କର୍ମଚାରୀଙ୍କୁ ଅଟକ ରଖିଲେ ଉପଭୋକ୍ତା

ବୌଦ୍ଧ,୨୫।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ବିଦ୍ୟୁତ୍ ବିଭାଗର ମନମାନୀ ନେଇ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଏନେଇ ବୁଧବାର ଉପଭୋକ୍ତାମାନେ ବୌଦ୍ଧ -ବଘିଆପଡା ରାସ୍ତା ଅବରୋଧ କରିବା ସହ ବିଦ୍ୟୁତ୍ ବିଭାଗର ଦୁଇ କର୍ମଚାରୀଙ୍କୁ ଅଟକ ରଖିଥିଲେ । ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବ୍ଲକ ବଢିଗାଁ ଗ୍ରାମରେ ୧୦ ଦିନ ଧରିଅଘୋଷିତବିଦ୍ୟୁତକାଟ ହୋଇଥିଲା। ଫଳରେ ଉପଭୋକ୍ତାମାନେ ଅତିଷ୍ଠ ହୋଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲୋ। କୌଣସି ସୁଫଳ ନ ମିଳିବାରୁ ଉପଭୋକ୍ତାମାନେ ବଢିଗାଁ ଠାରେ ରାସ୍ତା ଅବରୋଧ କରିଥିଲେ । ଏହି ସମୟରେ ଗ୍ରାମକୁ ଦୁଇଜଣ ଲାଇନମ୍ୟାନ ଲାଇନ ସଜାଡିବାକୁ ଯାଇଥିବା ବେଳେ ଆନ୍ଦୋଳନକାରୀମାନେ ଉଭୟଙ୍କୁ ଅଟକ ରଖିଥିଲେ। ଦୁଇ ଅଟକ କର୍ମଚାରୀ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିଲେ । ଫଳରେ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଦୀର୍ଘ ୪ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା।



ଉପଭୋକ୍ତାଙ୍କ ରାସ୍ତାରୋକୋ ।

## ୨୦୨୩ ସୁଦ୍ଧା ବୃହତ୍ ସଡ଼କ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ: ଅସିତ

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲୁଓଡିସି) ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ୍ ୱେ ସଡକ ପଥ ନିର୍ମାଣ ପରିପ୍ରେକ୍ଷୀରେ ସୋମବାର ପଶ୍ଚିମ ଓଡିଶାର ସମ୍ପୃକ୍ତ ବିଭିନ୍ନ ଜିଲାରେ ଅର୍ଥନୈତିକ କରିଡର ସୃଷ୍ଟିହେବା ସମ୍ପର୍କରେ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି। ୨୦୨୩ ସୁଦ୍ଧା ଏହି ବୃହତ ସଡକ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି।

ସମୀକ୍ଷାରୁ ମିଳିଥିବା ତଥ୍ୟ ମୁତାବକ, ବରଗଡ ଜିଲାର ସୋହେଲା, ପଦମପୁର ଓ ପାଇକମାଲ ଦେଇ ନୂଆପଡା ଜିଲାର ସିନାପାଲି ଏବଂ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ଦେଇ ୪ ଲେନ୍ ବିଶିଷ୍ଟ ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣଧିନ ଥିବା ବେଳେ ଏ ସମସ୍ତ ସ୍ଥାନ ଦେଇ ଅର୍ଥନୈତିକ କରିଡର ସୃଷ୍ଟି ହେବ। ଏଥିପାଇଁ ୧୧ଟି ଶିଳ୍ପ ସଂସ୍ଥା ଉଦ୍ୟୋଗ ସ୍ଥାପନ ପାଇଁ ସହମତି ପ୍ରକାଶ କରିଛନ୍ତି। ଏନେଇ ଟେଣ୍ଡର ପ୍ରକ୍ରିୟା ସରିଛି। ଏହି ଅର୍ଥନୈତିକ କରିଡର ପାଇଁ ବରଗଡରେ କେତେକ ସ୍ଥାନ ବ୍ୟତୀତ ଅନ୍ୟସବୁ ସ୍ଥାନରେ ଜମି ଅଧିଗ୍ରହଣ ସରିଛି। ବିଜୁ ଏକ୍ସପ୍ରେସ୍ ୱେ ଏବଂ ରେଳସଂଯୋଗୀ କରୁଥିବା ନୂଆପଡାର ଖରିଆର, କଳାହାଣ୍ଡିର ଜୁନାଗଡ, ବରଗଡର ପଦମପୁର ଭଳି ଛୋଟ ଛୋଟ ସହରରେ ଶିଳ୍ପୋଦ୍ୟୋଗ ସ୍ଥାପନକୁ ଗୁରୁତ୍ୱ ଦିଆଯିବ। ଏ ଦିଗରେ ଜିଲା ଇନଭେଷ୍ଟମେଣ୍ଟ ସଂସ୍ଥା(ଦିପା) ଏହାର କାର୍ଯ୍ୟ ଜାରି ରଖିଛି। ପରବର୍ତ୍ତୀ ସମୟରେ ଦିପା ଏହାର କାର୍ଯ୍ୟ ପରିସର ଖୋର୍ଦ୍ଧା, କଟକ, ବଲାଙ୍ଗୀର ଓ କୋରାପୁଟ ଜିଲାକୁ ସମ୍ପ୍ରସାରିତ କରିବ। ଆହୁରି ମଧ୍ୟ ବଡ ବଡ ଶିଳ୍ପ ସଂସ୍ଥା, ଅଣୁ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଜୁଲାଇ ପ୍ରଥମ ବା ଦ୍ୱିତୀୟ ସପ୍ତାହରେ ସମ୍ବଲପୁର କିମ୍ବା ଝାରସୁଗୁଡାରେ ମେକ୍ ଇନ ଓଡିଶା ଆନୁକୂଲ୍ୟରେ 'ଆଡଭାଣ୍ଟେଜ' ଅନୁଗୋଳ ପରି କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ତମାଖୁ ବର୍ଜନ ଲାଗି ସଚେତନତା ରାଲି



ପତାକା ଦେଖାଇ ରାଲିର ଶୁଭାରମ୍ଭ କରାଯାଉଛି ।

ଉଲୁଣ୍ଡା,୨୫।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର ତମାଖୁ ବର୍ଜନ ନିମନ୍ତେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ. ଆଶୁତୋଷ ମିଶ୍ର ଯୋଗଦେଇ ପତାକା ଦେଖାଇ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ । ଆସନ୍ତା ୩୧ ତାରିଖ ଦିନ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ହେବାକୁ ଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏହି ସଚେତନତା ରାଲିର ଆୟୋଜନ କରାଯାଇଥିବା ନେଇ ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଅଧ୍ୟାପକ ଦୁର୍ବାଶା ପ୍ରଧାନ ଏବଂ ବିପିଏମ ସୁଧାଂଶୁ ଶେଖର ସେଠୀ ଉପସ୍ଥିତ ରହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାଝୀଗୌରୀ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ସଚେତନତା ରାଲିରେ ଆଶାକର୍ମୀ ସମେତ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରିଥିବା ଏହି ରାଲି ଉଲୁଣ୍ଡା ସହର ପରିକ୍ରମା କରିଥିଲା ।

# ଷ୍ଟେଟବ୍ୟାଙ୍କରେ ପେନ୍‌ସନର୍ସ ସଭା



ପେନ୍‌ସନର୍ସ ସଭାରେ ବରିଷ୍ଠ ନାଗରିକ, ବ୍ୟାଙ୍କ କର୍ମଚାରୀବୃନ୍ଦ।

ବରଗଡ଼ ଅଫିସ୍,୨୫।୫

ବରଗଡ଼ସ୍ଥିତ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା କାର୍ଯ୍ୟାଳୟ ପରିସରରେ ଜିଲା ବରିଷ୍ଠ ନାଗରିକ ସଦସ୍ୟ ଏବଂ ବ୍ୟାଙ୍କ ଅଧିକାରୀଙ୍କ ପେନସନର୍ସ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଫ୍ ମ୍ୟାନେଜର ମନୋରଞ୍ଜନ ପୃଷ୍ଟି, ଉପବ୍ୟାଙ୍କ ମ୍ୟାନେଜର ଲଗ୍ନଜିତା ସାତୁଏଲ, ଫିଲ୍ଡ ଅଫିସର ଇନ୍ଦୁ କୁଜୁର, ଟ୍ରେଜେରୀ ଅଫିସର କୈଳାଶ ଚନ୍ଦ୍ର ଦୋରା ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ ବରିଷ୍ଠ ନାଗରିକଙ୍କ ପେନସନ ସମ୍ପର୍କିତ ସମସ୍ୟା, ନୂତନ ଯୋଜନା, ଡିପୋଜିଟରେ ଉତ୍ତମ ସୁବିଧା ଆଦି ଉପରେ ଆଲୋଚନା କରାଯାଇଥିଲା। ସଭାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରମୋଦ ଝାଙ୍କର, କେଦାର ମିଶ୍ର, ଭାରତ ଦାଶ, ଗୋବିନ୍ଦ ଦାଶ, ପ୍ରୀତମ ସିଂ, ବେଦୀ ପଟ୍ଟନାୟକ, ପବିତ୍ର ସରାଫ, କାହ୍ନୁ ପୃଷ୍ଟି, ତୁଳସୀ ଚରଣ ଦାଶ, ସ୍ୱାଧୀନ ମହାରଣା, କୃଷ୍ଣ ପଟ୍ଟନାୟକ, ତାନସେନ ସରାଫ, ପ୍ରସନ୍ନ ପ୍ରଧାନ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ । ବରିଷ୍ଠ ନାଗରିକ ସଂଘ ପକ୍ଷରୁ କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ପିଙ୍କୁ ଭେଟିଲେ କଳାକାର ମହାସଂଘ ପ୍ରତିନିଧି ଦଳ



ଏସପିଙ୍କୁ କଂସ ମହାରାଜ ଏବଂ କଳାକାରବୃନ୍ଦ ଭେଟୁଛନ୍ତି ।

ବରଗଡ଼ ଅଫିସ୍,୨୫।୫

ବରଗଡ଼ରେ ନୂତନଭାବେ ଯୋଗଦାନ କରିଥିବା ଏସ୍‌ପି ପରମାର୍ ସ୍ମିତ ପୁରୁଷୋତ୍ତମ ଦାସଙ୍କୁ ବୁଧବର ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପଧାନ ଏବଂ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଏକ ପ୍ରତିନିଧି ଦଳ ଭେଟିଥିଲେ। ଏସପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ କଳାକାରଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କଳାକାର ମହାଂଘର ସଭାପତି ଚୈତନ୍ୟ ପାଇକ, ରାଜେଶ ବାରିକ, ପଞ୍ଚା ମହାପାତ୍ର, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୦ମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟ

# ହରିଣାପାଲି, ଖୁଣ୍ଟୁଲାପାଲି ବିଜୟୀ

ଅମରପାଲି,୨୫।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଶ୍ରୀଜଗନ୍ନାଥ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ହେଉଥିବା ଦଶମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟର ବୁଧବାର ଥିଲା ପଞ୍ଚମ ଦିବସ। ବୁଧବାର ପ୍ରଥମ ମ୍ୟାଚ ବାଗବାହାଲି ଓ ହରିଣାପାଲି ମଧ୍ୟରେ ହୋଇଥିଲା। ହରିଣାପାଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭର ରେ ୩ ଉଇକେଟ ହରାଇ ୧୧୫ରନ କରିଥିଲା। ଜବାବରେ ବାଗବାହାଲି ଦଳ ନିର୍ଦ୍ଧାରିତ ୧୦ଓଭରରେ ୮ଉଇକେଟ ହରାଇ ୭୫ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି ଖୁଣ୍ଟୁଲାପାଲି ଓ ନାକଡେଇଁ ମଧ୍ୟରେ ହୋଇଥିଲା। ଖୁଣ୍ଟୁଲାପାଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୮୦ରନ କରିଥିବା ବେଳେ ନାକଡେଇଁ ଦଳ ୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୫୨ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚ ପାଇଁ ହରିଣାପାଲିର ରଞ୍ଜନ ଓ ଦ୍ୱିତୀୟ ମ୍ୟାଚ ପାଇଁ ସୌରମ୍ୟ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ଅନିଲ ସେଠୀ ଓ ବିଶ୍ୱନାଥ ବାରିକ ଅମ୍ପାୟାର, ନେହେରୁ ସେଠୀ ସ୍କୋରିଂ ଏବଂ ଧ୍ରୁବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ବିଜୟୀ ହରିଣାପାଲି ଦଳ।

# କଳାକାରଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

### ବିନିକାର ଗାଁ ଗାଁରେ ସଂକୀର୍ତ୍ତନ ମଣ୍ଡଳୀ

ବିନିକା,୨୫।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଗାଁ ଗାଁରେ ଏବେ ସଂକୀର୍ତ୍ତନ ଦଳ। ବ୍ଲକ ଅଧୀନ ୧୬ଟି ଗ୍ରାମ ପଞ୍ଚାୟତର ୧୧୭ଟି ଗାଁରେ ରହିଛି ୩୦ଟି ପୁରୁଷ ଓ ୪୫ଟି ମହିଳା ସଂକୀର୍ତ୍ତନ ଦଳ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହି ସଂକୀର୍ତ୍ତନ ଦଳ ଗାଁଗୁଡିକରେ ଥିବା କ୍ଲବ ଘରେ ତଥା ମନ୍ଦିର ମଣ୍ଡପରେ ସଂକୀର୍ତ୍ତନ କରି ଥାନ୍ତି। ଗୀତ ଏବଂ ବାଦ୍ୟର ତାଳେ ତାଳେ ବଜାରକୁ ନୂଆ କରି ଆସିଥିବା ମନ ମତାଣିଆ ଓଡିଆ ,ସମ୍ବଲପୁରୀ, ହିନ୍ଦୀ ଫିଲ୍ମ ଗୀତ, ଆଧୁନିକ ଗୀତ ଓ ଭକ୍ତିଗୀତକୁ ଅନୁସରଣ କରି ଦୈନିକ ଚାଲେ ସଂକୀର୍ତ୍ତନ ଆଖଡା। ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ଅର୍ଥ ରୋଜଗାର କରିଥାନ୍ତି । ଏମାନଙ୍କ ମଧ୍ୟରେ କେତେଜଣ ଗାୟକ ବାୟକ ଅଛନ୍ତି ,ଯେଉଁମାନଙ୍କ ଗୀତ ଓ ବାଦ୍ୟ ପରିବେଷଣ ଶୈଳୀ ଅଞ୍ଚଳବାସୀଙ୍କୁ ମୁଗ୍ଧ କରିଥାଏ। ତେବେ ଏମାନଙ୍କ ପ୍ରତିଭାର ବିକାଶ ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ । ସଂକୀର୍ତ୍ତନ ଦ୍ୱାରା ଲୁକ୍କାୟିତ କଳା ଓ ସଂସ୍କୃତିର ବିକାଶ ହେଉଛି। ହେଲେ ଦଳରେ ରହିଥିବା ପ୍ରତିଭା ସମ୍ପନ୍ନ କଳାକାରଙ୍କୁ ମିଳୁନାହିଁ କଳାକାର ଭତ୍ତା। ସଂସ୍କୃତି ବିଭାଗ ସହଯୋଗ ମଧ୍ୟ ନାହିଁ। ଯଥାଶୀଘ୍ର ବିନିକା ଅଞ୍ଚଳର ଯୋଗ୍ୟ କଳାକାରମାନଙ୍କୁ ଚିହ୍ନଟ କରି ସରକାର ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସାରଙ୍ଗପାଳିର ଯୁବ ସଂକୀର୍ତ୍ତନ ଗାୟକ ପିଣ୍ଟୁ ସୁନା ଓ ବାୟକ କରୁଣା ମହାନନ୍ଦ କୁହନ୍ତି, ଦୀର୍ଘବର୍ଷ ଧରି ସଂକୀର୍ତ୍ତନ ଦଳରେ ରହି ଗୀତ ଗାଇ ମନୋରଞ୍ଜନ କରୁଛୁ , ମାତ୍ର ଏପର୍ଯ୍ୟନ୍ତ ଆମ ସଂକୀର୍ତ୍ତନ ଦଳ କିମ୍ବା ଆମକୁ କୌଣସି ପ୍ରକାରର ସରକାରୀ ସାହାଯ୍ୟ ମିଳି ପାରିନାହିଁ । ସରକାର ଯଦି ଆମ ଭଳି ଗରିବ କଳାକାରଙ୍କୁ ସହଯୋଗ କରନ୍ତେ ତେବେ କଳା ପ୍ରଦର୍ଶନରେ ରୁଚି ବଢନ୍ତା ବୋଲି କହିଥିଲେ।



ସାରଙ୍ଗପାଳି ଗାଁ କ୍ଲବ ଘରେ ଆଖଡା କରୁଥିବା ଗାୟକ ଓ ବାୟକ ।

## ସଂକ୍ଷେପରେ

### ଆଦର୍ଶ ଗାଁରେ ବସୁଧା ଯୋଜନା ଫେଲ
**ପାଣି ପାଇଁ ଲୋକେ ହନ୍ତସନ୍ତ**



**ପଦ୍ମପୁର, ୨୫।୫(ଡି.ଏନ.ଏ.):** ବରଗଡ ଜିଲା ପଦ୍ମପୁର ବ୍ଲକ ଦହିଗାଁ ପଞ୍ଚାୟତର ବ୍ରାହ୍ମଣଡିହି ଗାଁକୁ ସରକାର ଆଦର୍ଶ ଗ୍ରାମ ଘୋଷଣା କରିଥିଲେ। ୧୨ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ କୁମୁଡିନାଳା ପାର୍ଶ୍ୱରେ ଅବସ୍ଥିତ। ନାଳ କୂଳରେ ଥିବା ଏହି ଗ୍ରାମବାସୀ ଆଜି ତୃଷାର୍ତ୍ତ। ବର୍ଷକ ତଳେ ବସୁଧା ଯୋଜନାରେ ପ୍ରାୟ ୪୬ ଲକ୍ଷ ଟଙ୍କା ବ୍ୟୟରେ ଗାଁରେ ନିର୍ମାଣାଧୀନ ଜଳଯୋଗାଣ ପ୍ରକଳ୍ପ ଅଧାପନ୍ତରିଆ ହୋଇପଡ଼ିଛି। ମାର୍ଚ୍ଚ ପୂର୍ବରୁ ଏହି ପ୍ରକଳ୍ପ ଶେଷ ହୋଇ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା କଥା। ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାମ ସରି ପାରୁନାହିଁ । ଅପରପକ୍ଷରେ ପ୍ରକଳ୍ପ ସ୍ଥଳ ଜଣେ ବ୍ୟକ୍ତିଙ୍କ ରୟତ ଜମିରେ ହୋଇଥିବାରୁ କାମ ଅଗ୍ରଗତି ହେଉ ନଥିବା କେତେକ କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଆର୍.ଏନ. ମହାପାତ୍ରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯାଇ କାମ ଶେଷ କରାଯିବବୋଲି କହିଛନ୍ତି ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ପାଇକମାଲ,୨୫।୫(ଡି.ଏନ.ଏ.)** ବରଗଡ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପୁରେନା ଗ୍ରାମରେ ତିନିବ୍ୟାପୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ ଶିବ ମନ୍ଦିର ବନ୍ଧରୁ ୧୦୮ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ ପରେ ନାମାରମ୍ଭ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୂତି, ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ, କଳସ ବିସର୍ଜନ ଆଦି କାର୍ଯ୍ୟକ୍ରମ ରହିଛି। ନାମଯଜ୍ଞରେ କର୍ତ୍ତାଭାବେ ଜ୍ଞାନ ରଞ୍ଜନ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଝରଣା ଦାସ କାର୍ଯ୍ୟ ନିର୍ବାହ କରୁଛନ୍ତି।

### ମା' ବାଟପଛାଇ ଆଦିବାସୀ ସଂଘର ବୈଠକ

**ବୌଦ୍ଧ,୨୫।୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ଗ୍ରାମପଞ୍ଚାୟତର ହିଞ୍ଜଳଠାରେ ବୁଧବାର ମା' ବାଟପଛାଇ ଆଦିବାସୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ମହାଲିକପଡା, ଗେରେଡିସାହି, ତଇଲାସାହି, ଶ୍ରୀପାଜୁ, ହିଞ୍ଜଳ, ସାତଖଣ୍ଡ, ଧାଡିଆମ୍ବ, ଜାବର, ସେମିଗୁଡା, ନୂଆପଡା, ଶଙ୍କୁରୀ, ଧାଡିଆମ୍ବ,ଟିକିରାସାହି,ବାଲିସାହି, ନନ୍ଦାଗାଡୁ, ପଦ୍ମତୋଳା, ସେମିଗୁଡା, ନୂଆପଡା ଆଦି ଗ୍ରାମର ଆଦିବାସୀମାନେ ଯୋଗ ଦେଇଥିଲେ। ନୂତନ ସଭାପତି ଭାବେ ସଚିନ୍ଦ୍ର କହଁର, ଉପସଭାପତି ପଞ୍ଚାନନ ଜନୀ, ସଂପାଦକ ସଞ୍ଜୟ ମାଝୀ ସମାଜର ବିକାଶ ନେଇ ଆଲୋଚନା କରିଥିଲେ। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯେପରି ଆମ ଅଞ୍ଚଳର ବିକାଶ ହୋଇପାରିବ ସେ ନେଇ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ମତବ୍ୟକ୍ତ କରିଥିଲେ।

# ତାମିଲନାଡୁରେ ବନ୍ଧା ପଡ଼ିଛନ୍ତି ୫ଯୁବତୀ

**ବରଗଡ଼ ଅଫିସ୍,୨୫।୫**



ତାମିଲନାଡୁରେ ବନ୍ଧା ପଡ଼ିଥିବା ୫ଯୁବତୀ ।

ବରଗଡ଼ ଜିଲାରେ ଦାଦନ ଦୁଃଖ ସରୁନାହିଁ। ଏଠାରୁ ରାଜ୍ୟ ବାହାରକୁ ଯାଇ ଶ୍ରମିକମାନେ ନିର୍ଯାତିତ ହେବା ଘଟଣା ସାଧାରଣରେ ପରିଣତ ହେଲାଣି। ତଥାପି ଜିଲାରୁ ଶ୍ରମିକ ଚାଲାଣରେ ଅଙ୍କୁଶ ଲାଗି ପାରୁନାହିଁ। ଜିଲାର ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମର ୫ଯୁବତୀ ତାମିଲନାଡୁ ରାଜ୍ୟ ତ୍ରିପୁର ଜିଲାକୁ କର୍ମ ଅନ୍ୱେଷଣରେ ଯାଇ ସେଠାରେ ଜଣେ ଚିନିକଳ ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ଯୁବତୀମାନେ କଳାହାଣ୍ଡି ଜିଲାର ଜଣେ ମଧ୍ୟସ୍ଥଙ୍କ ମାଧ୍ୟମରେ ସେଠାକୁ ଯାଇଥିଲେ। ଘରକୁ ଫେରିବାକୁ ଚାହୁଁଥିବା ସତ୍ତ୍ୱେ ଚିନିକଳ ମାଲିକ ସେମାନଙ୍କୁ ଛାଡୁ ନାହାନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡ଼ବେରା ଗ୍ରାମର ଅମୃତ ଦୁର୍ଗା ନାମକ ଜଣେ ଯୁବକ ପଗାରପାଣି ଗ୍ରାମର ମନ୍ଦାକିନୀ ଭୋଇ, ଅଞ୍ଜଳି ମାଝି, ଭଗବତୀ ଭୋଇ, ଜନତା ଶବର ଏବଂ ସାବିତ୍ରୀ ଚିକଟଙ୍କ ପାଖକୁ ଆସି ସେମାନଙ୍କୁ ତାମିଲନାଡୁରେ କାମ ଯୋଗାଇ ଦେବାକୁ କହିଥିଲେ। ଉକ୍ତ ଯୁବତୀମାନେ ତାଙ୍କ କଥା ବିଶ୍ୱାସକୁ ନେଇଥିଲେ। ଗତ ଜାନୁୟାରୀ ମାସରେ ନିଜ ଖର୍ଚ୍ଚରେ ତାମିଲନାଡୁର ଉପରୋକ୍ତ ଚିନି କାରଖାନାକୁ ସେମାନେ ଯାଇଥିଲେ। ଚିନିକଳ ମାଲିକଙ୍କ ମଧ୍ୟସ୍ଥ ସାଜିଥିବା ଅମୃତ ଯୁବତୀମାନଙ୍କୁ ବରଗଡ଼ ରେଳ ଷ୍ଟେଶନରେ ଛାଡ଼ି ଦେଇ ଚିନିକଳରେ ପହଞ୍ଚିବା ପରେ ଯୋଗାଯୋଗରେ ରହିବେ ବୋଲି କହିଥିଲେ। ଯୁବତୀମାନେ ସେଠାରେ ପହଞ୍ଚି ଚିନିକଳର ସିଲେଇ ବିଭାଗରେ କାମ କରିଥିଲେ। କିନ୍ତୁ ଅମୃତ ଦୀର୍ଘଦିନ ଧରି ସେମାନଙ୍କ ସହିତ ଆଉ ଯୋଗାଯୋଗ କରି ନଥିଲେ । ଅନ୍ୟପକ୍ଷେ ଯୁବତୀମାନେ କିଛିମାସ

### ତୁଟୁନି ଦାଦନ ଦୁଃଖ

କାମ କରିବା ପରେ ଘରକୁ ଫେରିବାକୁ ଚାହିଁଥିଲେ। ମାତ୍ର ଚିନିକଳ ମାଲିକ ସେମାନଙ୍କୁ ଛାଡ଼ି ନ ଥିଲେ। ଫଳରେ ସେମାନେ ଅମୃତଙ୍କୁ ବାରମ୍ବାର ଫୋନ କରିଥିଲେ। ହେଲେ ସେ ଫୋନ ରିସିଭ୍ କରି ନଥିଲେ। ଏପ୍ରିଲ ମାସରେ ଅମୃତ ଫୋନ ଉଠାଇ ତାଙ୍କ ଆକାଉଣ୍ଟକୁ ୫୫୦୦ ଟଙ୍କା ପଠାଇଲେ ସେ ଘରକୁ ଫେରାଇବା ବ୍ୟବସ୍ଥା କରିଥିଲେ। ଫଳରେ ସେମାନେ ଅମୃତଙ୍କ ଆକାଉଣ୍ଟକୁ ୫୫୦୦ ଟଙ୍କା ପଠାଇଥିଲେ। ହେଲେ ଟଙ୍କା ପଠାଇବା ପରେ ଅମୃତ ଆଉ ଫୋନ ଉଠାଉ ନଥିବା ସମ୍ପୃକ୍ତ ଯୁବତୀମାନେ କହିଛନ୍ତି । ଏ ନେଇ ସମ୍ପୃକ୍ତ ଯୁବତୀମାନେ ବରଗଡ଼ ଜିଲା ଟେମରୀ ଗ୍ରାମର ସାମାଜିକ କର୍ମୀ ଦୀପା ବାରିକଙ୍କୁ ଫୋନରେ ଯୋଗାଯୋଗ କରି ଉକ୍ତ ସମସ୍ୟା ଜଣାଇଥିଲେ। ଏହାପରେ ଓଡ଼ିଶା ପୋଲିସ, ଶ୍ରମ ବିଭାଗ ଏବଂ ତ୍ରିପୁର ପୋଲିସ ସହିତ ଯୋଗାଯୋଗ କରି ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଥିବା ଦୀପା କହିଛନ୍ତି ।

# ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସୋନପୁର,୨୫।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ନୂତନ ଟାଉନହଲଠାରେ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପିଏମଏଫଏମଇ) ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ଜିଲାରେ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରି ବେକାର ଯୁବତୀଯୁବକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାସଦସ୍ୟ ମାନେ ଆତ୍ମନିର୍ଭରଶୀଳ ହୋଇପାରିବେ, ତେଣୁ ବିଭାଗୀୟ ଅଧିକାରୀମାନେ ସେ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଯୁଗ୍ମ ସଚିବ ମାନସୀ ମାନ୍ଧତା ଯୋଗଦେଇ ରାଜ୍ୟ ସରକାରଙ୍କର ଖାଦ୍ୟ ପ୍ରକ୍ରିୟାକରଣ ନୀତି ଏବଂ ପିଏମଏଫଏମଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଜିଏମ ନାବାର୍ଡ଼ ତାପସ ଶଙ୍କର ରାଉତ ଯୋଗ ଦେଇଥିଲେ । ହସ୍ତଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଜିଲା ଶିଳ୍ପକେନ୍ଦ୍ରର ଭୂମିକା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ଶାଖା ପରିଚାଳକ ଏବଂ ଜିଲାର ବିଭିନ୍ନ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ, ଉଦ୍ୟୋଗୀ, କୃଷି ବିଜ୍ଞାନୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ସମୀର ମୁଦୁଲି ଧନ୍ୟବାଦ ଦେଇଥିଲେ ।

# ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

**ବୌଦ୍ଧ,୨୫।୫(ସ୍ୱ.ପ୍ର.)**

### ହାତୀ ମୃତ୍ୟୁ ଘଟଣା

ବୌଦ୍ଧ ବନଖଣ୍ଡ ବଗିଆପଡା ସେକସନର ଭୁର୍କିପଡା ଜଙ୍ଗଲରେ ଏକ ଦନ୍ତାହାତୀର ଗଳିତ ମୃତଦେହ ଗତ ମଙ୍ଗଳବାର ଦିନ ବୌଦ୍ଧ ବନବିଭାଗ ଦ୍ୱାରା ଠାବ କରାଯାଇଥିଲା । ହାତୀକୁ କେହି ଶିକାରୀ ଦାନ୍ତ ପାଇଁ ମାରି ଦାନ୍ତ ନେଇ ଫେରାର ହୋଇଯାଇଛି । ତେବେ ବନ ବିଭାଗ ହାତୀ ମୃତ୍ୟୁର ୧୦-୧୨ ଦିନ ପରେ ମୃତଦେହ ଜବତ କରିଥିଲା । ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ବୌଦ୍ଧ ଦେଇ ସମ୍ବଲପୁର ଯାଉଥିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଆରୁଖ ଭୁବନେଶ୍ୱରରୁ ସମ୍ବଲପୁର ଯିବା ରାସ୍ତାରେ ବୌଦ୍ଧ ସର୍କିଟହାଉସଠାରେ ମଧ୍ୟାହ୍ନ ଭୋଜନ ପାଇଁ କିଛି ସମୟ ଅଟକି ଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ମାନେ ମନ୍ତ୍ରୀ ଆରୁଖଙ୍କୁ ସାକ୍ଷାତ କରି ବୌଦ୍ଧ ଜିଲାରେ ବର୍ତ୍ତମାନ ଅବାଧରେ ବନ୍ୟଜନ୍ତୁ ଶିକାର ଚାଲିଥିବା ବେଳେ ବନ ବିଭାଗ ସମସ୍ତ ତଥ୍ୟକୁ ଲୁଚାଉଥିବା ନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ହାତୀଙ୍କ ସୁରକ୍ଷା ନେଇ ବିଭିନ୍ନ ସ୍କ୍ୱାଡ୍ ଗଠନ କରିବା ସହିତ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଜଙ୍ଗଲ ଭିତରେ ଏକ ହାତୀ ଶିକାର ହେବା ଓ ମୃତ ହାତୀର ଦାନ୍ତ କାଟି ଶିକାରୀମାନେ ଫେରାର ହୋଇଯିବାର ୧୦ ଦିନ ପର୍ଯ୍ୟନ୍ତ ବନ ବିଭାଗର କର୍ମଚାରୀମାନେ କିପରି ଜାଣି ପାରିଲେନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀ ଆରୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏନେଇ ମନ୍ତ୍ରୀ କହିଥିଲେ, ହାତୀ ମୃତ୍ୟୁ ଘଟଣା ତାଙ୍କ ଦୃଷ୍ଟିକୁ ଆସିଛି ଏବଂ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆସରିଛି। ଏଥିପାଇଁ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗିବା, ଚୋରା କାଠ ଚାଲାଣ ଓ ବେଆଇନ ଗଞ୍ଜେଇ ଚାଷ ପାଇଁ ଶହ ଶହ ଏକର ଜଙ୍ଗଲ ନଷ୍ଟ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବୌଦ୍ଧ ଜିଲାରେ ବନ ବିଭାଗରେ ଚାଲିଥିବା ଅନିୟମିତତାର ତଦନ୍ତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା କରାଯିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରକାଶଥାଉ କି, ପୂର୍ବରୁ ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଏସ୍‌ଟିଏଫ ଚଢାଉ କରି ବାଘଛାଲ, ହାତୀଦାନ୍ତ ଓ ବ୍ରଜକାପ୍ତା ଜବତ କରିଥିବା ବେଳେ ବୌଦ୍ଧ ବନ ବିଭାଗ କିପରି ଟେର ପାଇପାରୁନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହାନଦୀ ବିବାଦର ସମାଧାନ ହେଉ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

**ବରଗଡ଼ ଅଫିସ୍,୨୫।୫**

### କଂଗ୍ରେସର ଖବରଦାତା ସମ୍ମିଳନୀ

ଓଡ଼ିଶାର ଜୀବନରେଖା ମହାନଦୀ ଶୃଙ୍ଖଳା ପଡ଼ିଛି । ଅନ୍ୟପକ୍ଷେ ବ୍ୟାରେଜ ନିର୍ମାଣ କରି ଅଟକାଇ ଦିଆଯାଇ ଥିବା ଯୋଗୁ ଛତିଶଗଡ଼ରେ ମହାନଦୀ ପାଣି ଉଚ୍ଛୁଳୁଛି। ଏହି ପ୍ରସଙ୍ଗ ଏବେ ଟ୍ରିବୁନାଲ ଅଧିନରେ ରହିଛି। ବର୍ତ୍ତମାନ ଟ୍ରିବୁନାଲ ନୀରବ ରହିଥିବାବେଳେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ମଧ୍ୟ ତତ୍ପରତା ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ସମସ୍ତେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମହାନଦୀ ବିବାଦର ସମାଧାନ କରିବାର ଆବଶ୍ୟକତା ରହିଛି। ଛତିଶଗଡ଼ରେ ବର୍ତ୍ତମାନ କଂଗ୍ରେସ ସରକାର ରହିଛି ଏବଂ ନଦୀଜଳ ନିଷ୍କାସନ ବିଧି ବ୍ୟବସ୍ଥା ଅନୁଯାୟୀ ସେଠାକାର ମୁଖ୍ୟମନ୍ତ୍ରୀ ନିଶ୍ଚୟ ସହଯୋଗ କରିବେ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ବୁଧବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ।

ସେ ବ୍ରଜରାଜନଗର ଉପନିର୍ବାଚନକୁ ନେଇ କହିଥିଲେ, ଅତୀତର କୀର୍ତ୍ତି ଏବଂ ବର୍ତ୍ତମାନ ପରିସ୍ଥିତିକୁ ନେଇ କଂଗ୍ରେସ ଉପନିର୍ବାଚନକୁ ଓହ୍ଲାଇଛି ଏବଂ ଏଠାରୁ ହିଁ ପରିବର୍ତ୍ତନର ସ୍ୱର ଆରମ୍ଭ ହେବ। କଂଗ୍ରେସ ସରକାର ଥିବାବେଳେ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ବଡ଼ବଡ଼ କାରଖାନା ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ସେସବୁ ବିକ୍ରି ହୋଇଯାଇ ଥିବାବେଳେ ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇ ପଡ଼ିଛି। ରାଜ୍ୟ, କେନ୍ଦ୍ର ସରକାର କେବଳ ଲୋକଙ୍କୁ ଭୂଆଁ ବୁଲାଇ ଚାଲିଥିବା ସେ କହିଥିଲେ। ରାଜ୍ୟ ସରକାର ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଉ ନଥିବାବେଳେ ଚାଷ, ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି ବୋଲି ପଟ୍ଟନାୟକ କହିଥିଲେ। ରାଜ୍ୟ, କେନ୍ଦ୍ର ସରକାରଙ୍କ ଏଭଳି ଅପାରଗତାକୁ ପ୍ରସଙ୍ଗ ରଖି କଂଗ୍ରେସ ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସର ବିଜୟ ହେବ ବୋଲି ସେ ଦୃଢ଼ୋକ୍ତି କରିଥିଲେ। ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଦଳୀୟ ନେତା ନିପନ ଦାଶ, ପାଣ୍ଡବ କର୍ଣ୍ଣ, ବ୍ରହ୍ମା ମହାକୁର, ସରୋଜ ଷଡ଼ଙ୍ଗୀ, ସୁଧିର ଜେନା, ଅନନ୍ତ ତାଣ୍ଡି, ଦେବୁ ସ୍ୱାଇଁ ଉପସ୍ଥିତ ଥିଲେ।

### ସମବାୟ ନିର୍ବାଚନ ନେଇ ବୌଦ୍ଧରେ ଶାସକ ଦଳର ବୈଠକ

**ବୌଦ୍ଧ,୨୫।୫ (ସ୍ୱ.ପ୍ର.)**

ରାଜ୍ୟରେ ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବୌଦ୍ଧ କନ୍ଧମାଳ ଜିଲା ପାଇଁ ଶାସକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଜେଡିର ରାଜ୍ୟ ସମବାୟ ନିର୍ବାଚନ ଆବାହକ ବିଧାୟକ ପ୍ରତାପ ଦେବଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ସର୍କିଟହାଉସଠାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ଓ କନ୍ଧମାଳ ଜିଲାରେ ଦଳ ପକ୍ଷରୁ ସମବାୟ ନିର୍ବାଚନ ରଣନୀତି ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, କଣ୍ଟାମାଳ ବିଧାୟକ ମହୀଧର ରଣା, ଦକ୍ଷିଣାଞ୍ଚଳ ଜୋନର ଆବାହକ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଓ ପଶ୍ଚିମାଞ୍ଚଳ ଜୋନର ଆବାହକ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, କନ୍ଧମାଳ ଜିଲା କମିଟି କର୍ମମର୍ତ୍ତା ରୁଦନା ମଲିକ, ଲାଲାନନ୍ଦ କହଁର, ନମିତା ମଲ୍ଲିକ ଯୋଗଦେଇ ଆଲୋଚନା କରିଥିଲେ । ଏହାଛଡା ବୌଦ୍ଧ ଜିଲା କମିଟିର କର୍ମକର୍ତ୍ତା ବିଶ୍ୱଜିତ ମିଶ୍ର, କିଶୋର କୁମାର ମେହେର, ପୟୋଧର ମହାକୁଳ, ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ଏମପି ପ୍ରତିନିଧି ତାରେଣି ମହାପାତ୍ର, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବରଗଡ଼, ବରପାଲିରେ ଉଚ୍ଛେଦ ଅଭିଯାନ

**ବରଗଡ଼ ଅଫିସ୍/ବରପାଲି,୨୫।୫**

### ରାସ୍ତାପାର୍ଶ୍ୱରୁ ହଟିଲା ଜବରଦଖଲ



ବରଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ।

ବରଗଡ଼ ଓ ବରପାଲି ସହରରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ବରଗଡ଼ ସହରରେ ସ୍ଥାନୀୟ ପୌର ପରିଷଦ ପକ୍ଷରୁ ସହର ମୁଖ୍ୟରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସ୍ଥାନୀୟ ଗାନ୍ଧିଛକରୁ ଭଟଲି ଛକ ରାସ୍ତାପାର୍ଶ୍ୱକୁ ଜବରଦଖଲ କରିଥିବା ଦୋକାନ, ଠେଲାକୁ ଉଚ୍ଛେଦ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା ଏବଂ ପୋଲିସ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସେହିପରି ବରପାଲିରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବରଗଡ଼-ବଲାଙ୍ଗୀର ୨୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ, ଜାତୀୟ ରାଜପଥ ଏସଡ଼ିଓ ନିର୍ମଳ ଚନ୍ଦ୍ର ପଣ୍ଡା, ପୋଲିସ ଫୋର୍ସ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ବରପାଲି ଶୀତଳଷଷ୍ଠୀ ଯାତ୍ରା ଥିବାବେଳେ ଜବରଦଖଲ ଉଚ୍ଛେଦକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଯାଇଛି। ଫଳରେ ଯାତ୍ରା ପରେ ପୁଣି ଜବରଦଖଲ ଉଚ୍ଛେଦ ଚାଲିବ ବୋଲି ସୂଚନା ମିଳିଛି ।

# ରାସ୍ତା ପାଇଁ ଜମି ଦେବାକୁ ତହସିଲଦାରଙ୍କୁ ଦାବିପତ୍ର

**ଅମରପାଲି,୨୫।୫(ଡି.ଏନ.ଏ.)**



ବୀରମହାରାଜପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେନଝିରିଆପାଲି ରାଜସ୍ୱ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମର ଘାସିପଡାକୁ ସ୍ଥାୟୀ ରାସ୍ତା ପାଇଁ ଜମି ଯୋଗାଇ ଦେବାକୁ ବୀରମହାରାଜପୁର ତହସିଲଦାର ବିବୁଦ୍ଧ ଗଡନାୟକଙ୍କୁ ପଡାବାସୀ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ସତ୍ୟରାଜ ଭୋଇନାଙ୍କ ନେତୃତ୍ୱରେ ଗ୍ରାମବାସୀ ଏହି ଦାବିପତ୍ର ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ଗ୍ରାମର ଘାସିପଡାରେ ପ୍ରାୟ ୧୫ଟି ପରିବାର ଦୀର୍ଘଦିନ ହେଲା ରହି ଆସୁଛନ୍ତି। ଗ୍ରାମର ମୁଖ୍ୟ ରାସ୍ତାରୁ ଉକ୍ତ ପଡାକୁ ଯିବା ପାଇଁ କୌଣସି ସ୍ଥାୟୀ ରାସ୍ତା ନାହିଁ। ପଡାବାସୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିର ହିଡ ଦେଇ ଯିବା ଆସିବା କରୁଥିଲେ। ସଂପୃକ୍ତ ବ୍ୟକ୍ତି ଜଣକ ଏବେ ନିଜ ଜମିର ହିଡରେ ମାଟି ପକାଇଛନ୍ତି। ତେଣୁ ଉକ୍ତ ପଡାକୁ ଯିବା ଆସିବାରେ ବ୍ୟାଘାତ ହେଉଛି।

# ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି ,୨୫।୫ (ଡି.ଏନ.ଏ.)**




ବୀରମହାରାଜପୁରରେ ବାହାରି ଥିବା ତମାଖୁ ବର୍ଜନ ଶୋଭାଯାତ୍ରା ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଡାକ୍ତରଖାନା ତରଫରୁ ବୁଧବାର ତମାଖୁ ବର୍ଜନ ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଡା. ପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟର ଓଡିଆ ଅଧ୍ୟାପିକା ଯାମିନୀ ଦାସ ଓ ଅଧ୍ୟାପକ ପ୍ରକାଶ ସେଠ ଅତିଥି ଭାବେ ଯୋଗଦେଇ ତମାଖୁର କୁପରିଣାମ ବିଷୟରେ କହିଥିଲେ। ଏହାସହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତମାଖୁ ବର୍ଜନ କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ପ୍ରକାଶ ମହାନ୍ତି, ଜନସ୍ୱାସ୍ଥ୍ୟ ଅଧିକାରୀ ଆଲୋକ କୁମାର ସେଠ, ବି.ପି.ଏମ ମହେନ୍ଦ୍ର ମିଶ୍ର, ସ୍ୱାସ୍ଥ୍ୟ କର୍ମଚାରୀ ନିରଞ୍ଜନ ମିଶ୍ରଙ୍କ ସହିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅତିଥିମାନେ ସାମିଲ ଥିଲେ । ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ଡାକ୍ତରଖାନାରୁ ବାହାରି ଉପଜିଲାପାଳ ଛକ ଦେଇ ତ୍ରିବେଣୀ ଛକ ପର୍ଯ୍ୟନ୍ତ ଯାଇ ଡାକ୍ତରଖାନା ପରିସରକୁ ଫେରିଆସିଥିଲା। ଶୋଭାଯାତ୍ରାକାରୀମାନେ ତମାଖୁ ବର୍ଜନ ନେଇ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ ।